● ନୟାହାଟ ପୁଲିସର ଚଢ଼ଉ ଜୋର୍‌ଦାର୍

## ଧଳାଜହର ଓ ଚୋରା ମଦ କାରବାର ବନ୍ଦ

**ନୟାହାଟ,୧୦ା୨(ସମିସ):** ପୁରୀ ଜିଲ୍ଲା ଗୋପ ଥାନା ଅନ୍ତର୍ଗତ ନୟାହାଟ ଫାଣ୍ଡି ଅଞ୍ଚଳରେ ଚୋରା ମଦ ଓ ଧଳାଜହର କାରବାର ବନ୍ଦ ହୋଇଛି ବୋଲି ବରିଷ୍ଠ ନାଗରିକମାନେ କହିଛନ୍ତି। ଏହି ଫାଣ୍ଡି ଅଧୀନରେ ଥିବା ଜଙ୍ଗଲବୋରୀ, ଧୁମାଳ, ବଉଲାଙ୍ଗ, ସୋରଭା, ସିମିଳି ଏହି ସବୁ ସ୍ଥାନରେ କୌଣସି ଚୋରା ମଦ ଓ ଧଳା ଜହର କାରବାର ହେଉ ନ ଥିବା ପୁଲିସ ପ୍ରକାଶ କରିଛି। ଧଳାଜହର ଏଠାରେ କାରବାର ହେଉ ନ ଥିବା ନୟାହାଟ ବଜାର ସଭାପତି ଫକୀର ବାରିକ, ସମ୍ପାଦକ ସୁବାସ ପାତ୍ର କହିଛନ୍ତି। ଏଭଳି ଏକ ମିଥ୍ୟା ଖବର ପ୍ରକାଶ କରୁଥିବା ବ୍ୟକ୍ତି ପୁଲିସଠାରୁ କିଛି ଟଙ୍କା ପାଇବା ପାଇଁ ଦାବି କରୁଥିଲେ। ପୁଲିସ ଉକ୍ତ ବ୍ୟକ୍ତିକୁ ପଇସା ନ ଦେବାରୁ ସେ ଏଭଳି ଖବର ପ୍ରକାଶ କରିଛନ୍ତି ବୋଲି ବରିଷ୍ଠ ନାଗରିକ ସୁରେନ୍ଦ୍ର କୁମାର ବିଟି କହିଛନ୍ତି। ଅପରପକ୍ଷେ ବିଜେଡି ଜଙ୍ଗଲବୋରୀ ପଞ୍ଚାୟତ ସଭାପତି କାହ୍ନୁ ସାହୁ, ଆଲୋକ ରାୟ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ମନଗଢ଼ା ଖବର ଛାପି ପୁଲିସକୁ ବଦନାମ କରିବାକୁ ଚେଷ୍ଟା କରାଯାଉଛି।

## ନୀଳାଚଳ କୃଷକ ମହାସଂଘର କର୍ମକର୍ତ୍ତା ନିର୍ଦ୍ଦୋଷରେ ଖଲାସ

**କଣାସ,୧୦ା୨(ସମିସ):** କଣାସ ବ୍ଲକରେ ପ୍ରବାହିତ ହେଉଥିବା ଲୁଣାନଦୀ ଖନନ ପାଇଁ କଲିକତାର ରିଚିଟ୍ରେଡିଙ୍ଗ କମ୍ପାନି ଟେଣ୍ଡର ନେଇ ଜଙ୍ଘାର ନିକଟରେ ଖନନ କାର୍ଯ୍ୟ କରୁଥିଲା। ନଦୀରୁ ବାହାରୁ ଥିବା କାଦୁଅକୁ ଜଙ୍ଘାର ନିକଟ ଡାହାଣପାଖରେ କାଦୁଆ ପକାଯାଉଥିଲା। ଯାହାଦ୍ୱାରା କି ଏକରୁଖା ଗ୍ରାମକୁ ସଂଯୋଗ କରୁଥିବା କେନାଲ କାଦୁଅପଡ଼ି ପୋତି ହୋଇଯାଇଥିଲା। ସେଥିପାଇଁ କେନାଲ ପାଖରେ ଥିବା ଚାଷୀମାନେ ଜମିକୁ ପାଣି ମଡ଼ାଇବା ପାଇଁ ଅସୁବିଧା ହେବାରୁ ସ୍ଥାନୀୟ ପୂର୍ବତନ ତହସିଲଦାର ଲକ୍ଷ୍ମୀଧର ମହାରଣାଙ୍କୁ ଅଭିଯୋଗ କରିବାରୁ ଶ୍ରୀ ମହାରଣା କାଦୁଅ କାଢ଼ିବା ପାଇଁ ଉକ୍ତ କମ୍ପାନିକୁ ନିର୍ଦ୍ଦେଶ ଦେଇଥିଲେ। ସେ ଅଭିଯୋଗ ଓ ଚାଷୀଙ୍କ କଥା ଭିତ୍ତିକରି ଗତ ୨୭ ତାରିଖ ୨୦୨୨ରେ ହିଟାଜି ମେସିନ୍ ଲଗାଇ କେନାଲ ସଫା କରିବା ସହିତ ପୁନରୁଦ୍ଧାର କାର୍ଯ୍ୟ ସାଟ୍ ଇନ୍‌ଚାର୍ଜ ବିଷ୍ଣୁଭାନୁ ସାମଲଙ୍କ ତତ୍ତ୍ୱାବଧାନରେ .ଲୁଥିଲା। ସେହି ସମୟରେ ଏକ ରୁଖା ଗ୍ରାମର ଶଙ୍କର ଶଷଣ ପରିଡା ଓ କେଦାରଶ୍ୱର ପରିଡା ଗାଳିଦେବା ସହିତ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଥିଲା। ଏ ସଂପର୍କରେ କଣାସ ଥାନାରେ ଅଭିଯୋଗ ହେବାପରେ ମାମଲା ରୁଜୁ କରାଯାଇ ପୁରୀ କୋର୍ଟକୁ ପଠାଇଥିଲେ। ପୁରୀଠାରେ ମକଦ୍ଦମା ହୋଇ ବିଚାରଧୀନ ଥିଲା। କଣାସଠାରେ ପ୍ରଥମକରି ଜୁଡିସିଆଲ୍ ମାଜିଷ୍ଟ୍ରେଟ ଫାଷ୍ଟ କ୍ଲାସ କୋର୍ଟ ଖୋଲିବାରୁ ଉକ୍ତ କେସ୍ ପୁରୀଠାରୁ କଣାସକୁ ବିଚାର ପାଇଁ ଫେରିଆସିଥିଲା। କଣାସଠାରେ ବିଚାରପତି ବିଚାର ପ୍ରକ୍ରିୟାକୁ ଜାରି ରଖିଥିଲେ। ପରେ ସାକ୍ଷୀମାନଙ୍କ ବୟାନ, ତଦନ୍ତ ଅଧିକାରୀଙ୍କ ବୟାନ ସହିତ ସରକାରୀ ଓକିଲ ଓ ମୁଦଲା ଓକିଲଙ୍କ ଜବାବ ସୁଆଲ ଶୁଣିବା ପରେ ଗତକାଲି ପ୍ରମାଣ ଅଭାବରୁ ବିଚାରପତି ମୁଦଲା ଶଙ୍କର ଶଷଣ ପରିଡା ଓ କେଦାରଶ୍ୱର ପରିଡାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଦେଇଛନ୍ତି।

## ଜଳିଗଲା ୧୫ ବଖରା



**ସାକ୍ଷୀଗୋପାଳ,୧୦ା୨(ସମିସ):** ସତ୍ୟବାଦୀ ବ୍ଲକ ଶୁକଳ ପଞ୍ଚାୟତର ଶୁକଳପଡା ଗ୍ରାମରେ ଶନିବାର ସକାଳେ ଅଗ୍ନିକାଣ୍ଡ ଘଟି ୧୫ ବଖରା ଚାଳଘର ଜଳି ଯାଇଛି। କ୍ଷେତ୍ରବାସୀ ପ୍ରଧାନ ଓ ବୁଦ୍ଧି ବାମନ ପ୍ରଧାନ ଦୁଇ ଭାଇଙ୍କ ଛଅ ବଖରା ଘର ସଂପୂର୍ଣ୍ଣ ପୋଡ଼ି ଯାଇଥିବାବେଳେ ପଡ଼ୋଶୀ ସୁଦାମ ପ୍ରଧାନ, ପ୍ରଫୁଲ ପ୍ରଧାନ ଓ ପୁପୁନ ପ୍ରଧାନଙ୍କର ୯ ବଖରା ଚାଳଘର ପୋଡ଼ି ପାଉଁଶ ହୋଇଯାଇଛି। ଏହି ଅଗ୍ନିକାଣ୍ଡରେ ଧାନ, ଚାଉଳ, ଟଙ୍କା, ଲୁଗାପଟା, ବାସନକୁସନ, ଚୌକି, ଟିଭି ଆଦି ସାମଗ୍ରୀ ଜଳି ନଷ୍ଟ ହୋଇଯାଇଛି। ଯାହାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ପ୍ରାଥମିକ ଆକଳନରୁ ଜଣାପଡ଼ିଛି। ବିଶେଷ କରି ଖଗେଶ୍ୱର(କ୍ଷେତ୍ରବାସୀ) ଓ ବୁଦ୍ଧି ପ୍ରଧାନଙ୍କର ବହୁତ କ୍ଷୟକ୍ଷତି ଘଟିଛି। ଖବରପାଇ ସତ୍ୟବାଦୀ ଅଗ୍ନିଶମ ବିଭାଗ ପକ୍ଷରୁ ଅଧିକାରୀ ମନୋଜ କୁମାର ନାୟକ ଦୁଇଟି ଦମକଳ ନେଇ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସରପଞ୍ଚ ଓ ଆରଆଇ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି। କ୍ଷତିଗ୍ରସ୍ତମାନଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରିବାକୁ ଜନପ୍ରତିନିଧିମାନେ ଦାବି କରିଛନ୍ତି।

## ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**ଅସ୍ତରଙ୍ଗ,୧୦ା୨(ସମିସ):** ଅସ୍ତରଙ୍ଗ ବ୍ଲକ ଝାଡ଼ଲିଙ୍ଗ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ କର୍ମଚାରୀ ସୁରଥ ଚନ୍ଦ୍ର ବାରିକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନ ଶିକ୍ଷକ ମିଥୁନ ହରିଚନ୍ଦନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଗୋଲେଖ ମହାନ୍ତି, ମୁଖ୍ୟବକ୍ତା ପ୍ରସନ୍ନ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ମାଧବାନନ୍ଦ ସାହୁ, ଦିଲ୍ଲୀପ କୁମାର ସ୍ୱାଇଁ, ବୃନ୍ଦାବନ ନାୟକ, ନରେନ୍ଦ୍ର ବାରିକ, ଚିତ୍ତରଞ୍ଜନ ବାରିକ, ସର୍ବେଶ୍ୱର ମହାନ୍ତି, ଚମ୍ପକ ବାରିକ, ରିଙ୍କି ମହାନ୍ତି ପ୍ରମୁଖ ଯୋଗଦେଇ ଶ୍ରୀ ବାରିକଙ୍କ ସ୍ୱାଭିମାନ ପଣିଆ, ସମୟାନୁବର୍ତ୍ତିତା, କର୍ତ୍ତବ୍ୟନିଷ୍ଠା ଓ ଗୁଣାବଳୀ ଉପରେ ବକ୍ତବ୍ୟ ରଖିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଦାୟ ସଙ୍ଗୀତ ସହ ବାଜା ରୋଷଣୀରେ ବିରାଟ ଶୋଭାଯାତ୍ରାରେ ୩ ଶହରୁ ଅଧିକ ଛାତ୍ରଛାତ୍ରୀଙ୍କ ଗହଣରେ ଗ୍ରାମ ପରିକ୍ରମା କରାଯାଇ ତାଙ୍କ ବାସଭବନରେ ଛାଡ଼ିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଂଶୀଧର, ରାକେଶ, ସମୀର, ରଞ୍ଜିତ, ଉପେନ୍ଦ୍ର, ଅଭିଜିତ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

ବିଭିନ୍ନ ସ୍ଥାନରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

# ସବୁଠି ପହଞ୍ଚିଲା ବିକାଶର ବାର୍ତ୍ତା

**ନିମାପଡ଼ା,୧୦ା୨(ସମିସ)**

ନିମାପଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଭିଲିଗ୍ରାମ ଓ ତେରୁଣ୍ଡିଆ ପଞ୍ଚାୟତରେ ଆଜି 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ୨ଟି ପଞ୍ଚାୟତରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଓ ନିର୍ମଳ ଶାସନ, ରାଜ୍ୟର ଗ୍ରାମାଞ୍ଚଳ ଓ ସହରାଞ୍ଚଳର ବିଭିନ୍ନ ଧାର୍ମିକସ୍ଥଳୀର ବିକାଶ, ମହିଳା ସଶକ୍ତୀକରଣ, ବ୍ୟାଙ୍କିଙ୍ଗ ଭିତ୍ତିଭୂମିର ସୁବିଧା, ଶିକ୍ଷାନୁଷ୍ଠାନର ରୂପାନ୍ତରଣ, ଗମନାଗମନ, କ୍ରୀଡ଼ା ଭିତ୍ତିଭୂମିର ବହୁ ବିକାଶ ହୋଇଥିବା ନେଇ ବାର୍ତ୍ତା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ଅଶୋକ



ସାହୁ, ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ଜଗତସିଂହପୁର ସାଂସଦ ପ୍ରତିନିଧି ସୁଧିର ରଞ୍ଜନ ଦାଶ, ଉପାଧ୍ୟକ୍ଷା ଅନୁସ୍ୱୟା ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ଖଟୋଇ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଅଜୟ କୁମାର ସ୍ୱାଇଁ, ତେରୁଣ୍ଡିଆ ସରପଞ୍ଚ ନିରୁପମା ପ୍ରଧାନ, ଭିଲିଗ୍ରାମ ସରପଞ୍ଚ ଅରବିନ୍ଦ ମଲ୍ଲିକ, ସମିତିସଭ୍ୟା ଧନୀ ମାଝୀ, ପୂର୍ବତନ ସମିତିସଭ୍ୟ କୈଳାଶ ମହାପାତ୍ର, ଯୁବନେତା ବାଳକୃଷ୍ଣ ଓଝା, ଯୁବସଭାପତି ରାକେଶ ବେହେରା, କନିଷ୍ଠ ଯନ୍ତ୍ରୀ ଗୌରାଙ୍ଗ ସେଠୀ, ପିଇଓ ପୁଷ୍ପକାନ୍ତ ଦାଶଙ୍କ ସମେତ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

**କୃଷ୍ଣପ୍ରସାଦ:** କୃଷ୍ଣପ୍ରସାଦ ବ୍ଲକରେ ଶୁକ୍ରବାର ମାଲୁଦ ଓ ବୁଦ୍ଧିବର ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମାଲୁଦ ପଞ୍ଚାୟତର ସରପଞ୍ଚ ଗୀତାଞ୍ଜଳି ଜେନାଙ୍କ ସଭାପତିତ୍ୱରେ ଓ ବୁଦ୍ଧିବର ପଞ୍ଚାୟତର ସରପଞ୍ଚ ସଂଯୁକ୍ତା ବିଶ୍ୱାଳଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଜେଡି ରାଜ୍ୟ ସାଧାରଣ ସଂପାଦକ ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା, ବ୍ଲକ ଅଧ୍ୟକ୍ଷ ସରୋଜିନୀ ତରେଇ, ଅଧ୍ୟକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ତରେଇ, ଜିଲ୍ଲା ପରିଷଦ ଲକ୍ଷ୍ମୀଧର ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, ମାଲୁଦ ପଞ୍ଚାୟତ ସମିତିସଭ୍ୟା ମଧୁସ୍ମିତା ପଲେଇ, ସରପଞ୍ଚଙ୍କ ପ୍ରତିନିଧି ବୁଦ୍ଧ ଦେବ ବିଶ୍ୱାଳ, ସାମାଜିକ କର୍ମୀ ଅଞ୍ଚଳ କୁମାର ବିଶ୍ୱାଳ, ସେକ ନବି, ପୂର୍ବତନ ଜିଲ୍ଲା ପରିଷଦ ପ୍ରଭାତୀ ପ୍ରଧାନ, ଦିଲ୍ଲୀପ ରଣସିଂହ, ନାଏବ ସରପଞ୍ଚ କାଜଲ ସାହୁ, ଏମବିକେ ବୁଲି ବିଶ୍ୱାଳ, ସମାଜସେବୀ ଆଲୋକ ପ୍ରଧାନ, ମହାସଙ୍ଘର ସଭାପତି ଅଲି ବିଶ୍ୱାଳ ସମ୍ପାଦକ ସସ୍ମିତା ତରେଇ, ଦିଲ୍ଲୀପ କୁମାର ରଣସିଂହ, ସରପଞ୍ଚଙ୍କ ପ୍ରତିନିଧି ଯୁବନେତା ମୁନା ଜେନା, ଆମ୍ବ କମିଟି ଅଧ୍ୟକ୍ଷ ପ୍ରଦୀପ କୁମାର ମାଝୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ଦିଲ୍ଲୀପ କୁମାର ତରେଇ ପ୍ରମୁଖ ବହୁ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା, ଅଙ୍ଗନବାଡ଼ି, ଆଶା,ଏମବିକେ, ସିଆରପିମାନେ ଯୋଗଦେଇଥିଲେ। ଏହି ଅବସରରେ ସ୍ଥାନୀୟ କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମାଲୁଦ ପଞ୍ଚାୟତରେ ଶିକ୍ଷାବିତ୍ ପ୍ରଦୀପ କୁମାର ଦାସ ମଞ୍ଚ ପରିଚାଳନା



କରିଥିଲା ବେଳେ ବୁଦ୍ଧିବର ପଞ୍ଚାୟତରେ ପବିତ୍ର କୁମାର ପଲେଇ ମଞ୍ଚ ପରିଚାଳନା କରିଥିଲେ।

**କାକଟପୁର:** ରାଜ୍ୟ ସରକାରଙ୍କ ଜନକଲ୍ୟାଣ ଯୋଜନା ସଂପର୍କରେ ସଚେତନତା ପାଇଁ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ମାଧ୍ୟମରେ ଶିବିର ସରପଞ୍ଚ ରୂପାଳି କାଣ୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ମୁଖ୍ୟବକ୍ତା ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ଜ୍ଞାନରଞ୍ଜନ ସାହୁ, ସମିତି ସଭ୍ୟ କୈଳାସ ଚନ୍ଦ୍ର ସେଠୀ, ମଣ୍ଡଳ ଉନ୍ନୟନ ଅଧିକାରୀ ବିଷ୍ଣୁ ଗୋବିନ୍ଦ, ପଞ୍ଚାୟତସ୍ତରୀୟ ମହିଳା ସଂଘର ସଭାନେତ୍ରୀ ଝରଣା ପରିଡ଼ା, ସମ୍ପାଦିକା, ବ୍ଲକ ପଞ୍ଚାୟତ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମର ଆଭିମୁଖ୍ୟ ସଂପର୍କରେ ପଞ୍ଚାୟତବାସୀଙ୍କୁ ଅବଗତ କରାଇଥିଲେ। ଜିଆର୍‌ଏସ୍ ଆକାଶ ଦାଶ, ସମାଜସେବୀ ଶରତ ମାହାରୀ, ନିଗମାନନ୍ଦ ପରିଡ଼ା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦୁର୍ଯ୍ୟୋଧନ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶାନ୍ତି ଶୃଙ୍ଖଳାରେ ଶିବିର ସମାପନ ହୋଇଥିଲା।



## ଜାତୀୟ କୃମିନାଶକ ଦିବସରେ ସଚେତନତା




**ଡେଲାଙ୍ଗ,୧୦ା୨(ସମିସ):** ଡେଲାଙ୍ଗ ହାଟବଜାରସ୍ଥିତ ଡେଲାଙ୍ଗ ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର ଜାତୀୟ କୃମିନାଶକ ଦିବସ ଅବସରରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଭୟ ଚରଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଶିବିରରେ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ ଡ. ସ୍ନେହାଞ୍ଜଳୀ ପଣ୍ଡା, ମହିଳା ସ୍ୱାସ୍ଥ୍ୟକର୍ମୀ ରେଖା ସ୍ୱାଇଁ, ସ୍ୱାସ୍ଥ୍ୟ ପ୍ରଦର୍ଶିକା ସାବିତ୍ରୀ ବିଶ୍ୱାଳ, ଆଶାକର୍ମୀ ହମିନା ବିବି ପ୍ରମୁଖ ଯୋଗଦେଇ କୃମି ମନୁଷ୍ୟର ଅନ୍ତର୍ନଳୀରେ ରହିବା ଫଳରେ ରକ୍ତହୀନତା, ଦୁର୍ବଳତା, ପେଟ ଯନ୍ତ୍ରଣା, ଓଜନ ହ୍ରାସ ଆଦି ରୋଗ ସୃଷ୍ଟି କରିବା ଉପରେ ଆଲୋକପାତ କରିଥିଲେ। ଶୌଚ ହେବାକୁ ଗଲେ ଚପଲ ବ୍ୟବହାର, ସାବୁନରେ ଭଲଭାବେ ହାତ ଧୋଇବା ଆଦି ବିଷୟରେ ମଧ୍ୟ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଯାଇଥିଲା। ମଧ୍ୟାହ୍ନ ଭୋଜନ ଖାଇବା ପରେ ସ୍ୱାସ୍ଥ୍ୟ କର୍ମୀମାନେ ପିଲାମାନଙ୍କୁ ସରକାରଙ୍କ ଦ୍ୱାରା ପ୍ରଦତ୍ତ କୃମିନାଶକ ବଟିକା ଖାଇବାକୁ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ପିଲାମାନେ ନିଜନିଜ ସ୍ୱାସ୍ଥ୍ୟର ଯତ୍ନ ନେବାକୁ ଶପଥପାଠ କରିଥିଲେ। ସ୍ଥାନୀୟ ୱାର୍ଡସଭ୍ୟ ଦିଲ୍ଲୀପ କୁମାର ସାମନ୍ତରାୟ, ଶିକ୍ଷୟିତ୍ରୀ ଟିକେଇ ଦଳାଇ, ପପ୍‌ଲିନ ପ୍ରଧାନ, ସତ୍ୟଭାମା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରାଇଜିଂ ଷ୍ଟାର୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ଭୁବନେଶ୍ୱର ଚାମ୍ପିଅନ୍

**କାକଟପୁର/ଗମ୍ଭାରୀପଦା୧୦ା୨(ସମିସ):** ଆଜି କାକଟପୁରସ୍ଥିତ ପ୍ରାଚୀବିହାରରେ ଚତୁର୍ଥ ବାର୍ଷିକୀ ରାଜ୍ୟସ୍ତରୀୟ ରାଇଜିଙ୍ଗ ଷ୍ଟାର କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଏମ୍‌ଏମ୍‌ସିସି ସମ୍ବଲପୁର ଓ କମାଣ୍ଡୋ ଇଲେଭେନ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଏମ୍‌ଏମ୍‌ସିସି ଟସ୍ ଜିତି ବ୍ୟାଟିଂ କରିବା ସହ ୮ ଓଭରରେ ୬ ୱିକେଟ ହରାଇ ୧୧୬ ରନ କରିଥିଲା। ଜବାବରେ କମାଣ୍ଡୋ ଇଲେଭେନ, ଭୁବନେଶ୍ୱର ୭.୧ ଓଭରରେ ୫ ୱିକେଟ୍ ହରାଇ ୧୧୭ ରନ କରି ଚାମ୍ପିଅନ୍ ହୋଇଥିଲା। ମୁଖ୍ୟ ଅତିଥି ଭାବେ କୋଣାର୍କର ଅଗ୍ରଣୀ ଶିକ୍ଷାନୁଷ୍ଠାନ ମହୋଦଧି ବିଇଡି କଲେଜର ଚେୟାରମ୍ୟାନ ଶୁଭ୍ରଜିତ ମହାପାତ୍ର ଯୋଗଦେଇ ଚମ୍ପିୟାନ ଦଳକୁ ୮୦ ହଜାର ଟଙ୍କା ସହିତ ଟ୍ରଫି ଏବଂ ରନର୍ସ ଅପ୍ ଦଳକୁ ୪୦ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୁରୀ ସବ୍‌ରେଜିଷ୍ଟର ପ୍ରଭାତ ତରାଇ, ଫିନୋ ପେମେଣ୍ଟସ ବ୍ୟାଙ୍କର ପୁରୀ ଜିଲ୍ଲା ମ୍ୟାନେଜର ସଞ୍ଜୟ ବିଶ୍ୱାଳ ଯୋଗ ଦେଇଥିଲେ। ଶାଶ୍ୱତ ଶୁଭଦର୍ଶନ ଲେଙ୍କା, ରାହୁଲ ବେହେରା, ଜ୍ଞାନରଞ୍ଜନ ଦାଶ, ଗୋପାଳ ବିଶ୍ୱାଳ, ରମେଶ ଚନ୍ଦ୍ର ପରିଡା, ପିଙ୍କୁ, ମିଲୁ ପ୍ରମୁଖ ସହଯୋଗ କରିଥିଲେ। ଓମ୍ପେୟାର ଭାବେ ଦେବରାଜ ଖତ୍ରୀ ଓ ଡ୍ୟାନସିଂ ଓମ୍ପେୟାର ବବୁଲ ସାହୁ ଖେଳ ପରିଚାଳନା କରିଥିଲେ।

## ପତିତପାବନ ନୋଡାଲ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ



**ନୟାହାଟ,୧୦ା୨(ସମିସ):** ନୟାହାଟ ଫାଣ୍ଡି ଅନ୍ତର୍ଗତ ଦେସ୍ତଳୀ ପଞ୍ଚାୟତର ଓଟରଠାରେ ଥିବା ପତିତପାବନ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜ କୁମାର ମିଶ୍ରଙ୍କ ସଭାପତିତ୍ୱରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସରପଞ୍ଚଙ୍କ ପ୍ରତିନିଧି ମକରଧ୍ୱଜ ସ୍ୱାଇଁ ଓ ମା' ମଙ୍ଗଳା ମନ୍ଦିର ଟ୍ରଷ୍ଟ ବୋର୍ଡର ଅଧ୍ୟକ୍ଷ କୈଳାସ ଚନ୍ଦ୍ର ଦାଶ, ତୁଳସୀପୁର ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷ ବନମାଳୀ ରାଉତ, ନରସିଂହପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଜୟ କୁମାର ପରିଡା, ଦେସ୍ତଳୀ କ୍ଲଷ୍ଟର ସିଆର୍‌ସିସି ଲିଙ୍ଗରାଜ ସ୍ୱାଇଁ, ସିଙ୍ଗ ପାନିଆର ସିଆର୍‌ସିସି ସୁଚରିତା ପାତ୍ର, ଦିଲିପ କୁମାର ପାତ୍ର, ପବିତ୍ର ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉକ୍ତ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଦେବୀ ପ୍ରସାଦ ପାତ୍ର ଓ ଆଶିଷ କୁମାର ମହାନ୍ତିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଶିକ୍ଷକ ପ୍ରମେଶ କୁମାର ମିଶ୍ର ଓ ଶିକ୍ଷୟିତ୍ରୀ ସସ୍ମିତା ଦାଶ ମଞ୍ଚ ପରିଚାଳନା କରିଥିବା ବେଳେ ଦେବୀ ପ୍ରସାଦ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଆତ୍ମରକ୍ଷା କୌଶଳ ତାଲିମ ଶିବିର

**ଡେଲାଙ୍ଗ,୧୦ା୨(ସମିସ):** ଡେଲାଙ୍ଗ ବ୍ଲକ କଲ୍ୟାଣପୁର ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବାଳିକା ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ତୃପ୍ତିମୟୀ ପରିଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଶିବିରରେ କ୍ରୀଡ଼ା ପ୍ରଶିକ୍ଷକ ଆଦିତ୍ୟ କୁମାର ପାଣିଗ୍ରାହୀ, ଅଧ୍ୟାପକ ଦିଲ୍ଲୀପ କୁମାର ରଥ, କୈଳାସ ଚନ୍ଦ୍ର ଦାଶ, ଲୋକନାଥ ମିଶ୍ର, କୈଳାସ ଚନ୍ଦ୍ର ସାହୁ, ଅଧ୍ୟାପିକା ଅନିତା ମିଶ୍ର, ବିଷ୍ଣୁପ୍ରିୟା ଦେଇ ପ୍ରମୁଖ ଯୋଗଦେଇ ଛାତ୍ରୀମାନଙ୍କୁ ଏହି ଆତ୍ମରକ୍ଷା କୌଶଳ ଶିବିରର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ।

REQUIREMENT
SIMILIPAL SCIENCE RESIDENTIAL HIGHER SECONDARY SCHOOL &
SIMILIPAL ENGLISH MEDIUM (CBSE) SCHOOL
MANDUA, KARANJIA, MAYURBHANJ
REQUIRE LECTURERS- Physics, Chemistry, Botany, Zoology, Odia, English, Sanskrit, Mathematics, and IT.
DEMONSTRATOR- Physics, Chemistry, Biology and IT.
TGT - Science & Arts having requsite Qualification.
OFFICE Asst. (Clerk)
Salary Negotiable. No TA/DA for attending interview.
DATE OF INTERVIEW: 18.02.2024, 10.30 AM
8249824225, 9937965115
sristkaranjia@yahoo.com
Sd/-
Chairman

ANIMESH INDIAN SNACKS
ANIMESH FOOD PRODUCTS
Swasti BAKERY
(An ISO 9001: 2008 & HACCP Certified Company)
Plot No.: 55/D, Food Processing Park, Industrial Estate, Khordha
Email: foodproducts2010@gmail.com


Contact: 8895052838 / 8596070800

# ବିଜେଡି ପକ୍ଷରୁ 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ

**ଗୋପ,୧୦ା୨(ସମିସ)**

ଶନିବାର ବିଜୁ ଜନତା ଦଳ ପକ୍ଷରୁ ପରିବାର ସଂପର୍କ ପଦଯାତ୍ରା କୁଆଁପଡ଼ା ପଞ୍ଚାୟତ ଆଲସୀଠାରେ ଶୁଭାରମ୍ଭ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ପ୍ରତ୍ୟେକ ପରିବାରରେ ରାଜ୍ୟ ସରକାରଙ୍କ ବିକାଶ ବାର୍ତ୍ତା ପହଞ୍ଚାଇବା ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ପ୍ରତ୍ୟେକ ପରିବାର ସମ୍ମୁଖ ଦ୍ୱାରରେ ଶଙ୍ଖ ଚିହ୍ନ ଲଗାଇଛନ୍ତି ବିଧାୟକ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତା ସଂପର୍କରେ ଜନସାଧାରଣଙ୍କୁ ସୂଚନା ଦେବା ସହ ପଦଯାତ୍ରା ମାଧ୍ୟମରେ ବିଭିନ୍ନ ଗ୍ରାମ ପରିକ୍ରମା କରି ଘରେ




ଘରେ ବିକାଶର ବାର୍ତ୍ତା ପହଞ୍ଚାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁଣି ମୁଖ୍ୟମନ୍ତ୍ରୀ ହେଲେ ବିକାଶ ପ୍ରକ୍ରିୟା ଜାରି ରହିବ ବୋଲି ମତ ଦେଇଛନ୍ତି। ତତ୍ ସହିତ ବିଭିନ୍ନ ସରକାରୀ ଯୋଜନାରୁ ବାଦ୍ ପଡ଼ିଥିବା ଜନସାଧାରଣ କିଭଳି ସାମିଲ ହେବେ ସେନେଇ ତୃଣମୂଳସ୍ତରରେ ଆଲୋଚନା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ନଗର ସଭାପତି ଜୀବନାନନ୍ଦ ମହାପାତ୍ର, ନିର୍ବାଚନମଣ୍ଡଳୀ ସ୍ତରୀୟ ସଂପାଦକ ରବୀନ୍ଦ୍ର ନାୟକ, ବରିଷ୍ଠ ବିଜେଡି ନେତା ଭାଗିରଥୀ ସେନାପତି, ଜ୍ଞାନରଞ୍ଜନ ବେହେରା, ନିରଞ୍ଜନ ଶଗଡ଼ିଆ, କୃଷ୍ଣଚନ୍ଦ୍ର ବେହେରା, କାର୍ତ୍ତିକ ବେହେରା, ଋଷଭ ଦତ୍ତ ପ୍ରମୁଖ ଉପସ୍ଥିତ ଥିବାବେଳେ ଶହ ଶହ କର୍ମୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଶ୍ରୀକ୍ଷେତ୍ର ସିଟି

୧୦/୨/୨୦୨୪ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୭୩,୩୭୬/- ସୁନା: ୦୬.୮୯୦ ଗ୍ରାମ୍ ରୁପା: ୮୨.୧୦୦ ଗ୍ରାମ୍







## ବିଦ୍ୟାଳୟରେ ପ୍ରତିଭା ପ୍ରୋତ୍ସାହନ ଉତ୍ସବ

**ପୁରୀ, ୧୦।୨(ସମିସ):** ମାର୍କଣ୍ଡେଶ୍ୱର ସାହି ବାଳିକା ଉଚ୍ଚ ବିଦ୍ୟାଳୟ ସ୍ମାରକୀ ପୁରସ୍କାର ଟ୍ରଷ୍ଟର ପ୍ରତିଭା ପ୍ରୋତ୍ସାହନ ଉତ୍ସବ ଟ୍ରଷ୍ଟର ସଭାପତି ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରାକ୍ତନ ପ୍ରଧାନ ଶିକ୍ଷକ ରଘୁନାଥ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାକ୍ତନ ପ୍ରଧାନଶିକ୍ଷୟିତ୍ରୀ ରେଣୁକା ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ସାମନ୍ତରାୟ ରାୟ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ଡ. ଚତୁର୍ଭୁଜ ଭୂୟାଁ, ସମ୍ମାନିତ ଅତିଥି ଭାବେ ସ୍ମାରକୀ ପୁରସ୍କାର ଟ୍ରଷ୍ଟର ସ୍ୱର୍ଣ୍ଣ ପଟ୍ଟନାୟକ, ପ୍ରାକ୍ତନ କାଉନସିଲର ଭକ୍ତଚରଣ ଦାସ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରି ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସ୍ମାରକୀ ଟ୍ରଷ୍ଟ ସଭାପତି ରଘୁନାଥ ମହାପାତ୍ର ଟ୍ରଷ୍ଟ ଗଠନ ଉଦ୍ଦେଶ୍ୟ ଓ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଉତ୍ସବରେ କନ୍ୟାରତ୍ନ, ବିଦ୍ୟାଳୟଶ୍ରୀ, ବିଦ୍ୟାଳୟ ରତ୍ନ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ କବିତା ପଟ୍ଟନାୟକ, ସୁଜାତା ଧଳ, ଶର୍ମିଷ୍ଠା ବରାଳ, ମନସ୍ୱିନୀ ମିଶ୍ର, ସ୍ୱାଗତିକା ମହାପାତ୍ର, ମାହେଶ୍ୱତା ପ୍ରଧାନ, ରଶ୍ମିତା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଟ୍ରଷ୍ଟ ସଦସ୍ୟ ପ୍ରତିମାରାଣୀ ମିଶ୍ର, ମଞ୍ଜୁ ପ୍ରଭା ରଥ, ମିନାକ୍ଷୀ ମିଶ୍ର, ଶରତ କୁମାର ରାଜଗୁରୁ, ସ୍ୱପ୍ନା ନନ୍ଦ ପଟ୍ଟନାୟକ, ଲକ୍ଷ୍ମୀପ୍ରିୟା ପୂଜାପଣ୍ଡା, ବିଜୟଲକ୍ଷ୍ମୀ ବଣ, ତପନ କୁମାର ପଣ୍ଡା କାର୍ଯ୍ୟକ୍ରମକୁ ସାଫଲ୍ୟ କରିଥିଲେ। ମଧୁମିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ସମୁଦ୍ରରେ ବୁଡ଼ିଯାଇ ପର୍ଯ୍ୟଟକ ମୃତ

**ପୁରୀ, ୧୦।୨(ସମିସ):** ପୁରୀ ସମୁଦ୍ରରେ ସ୍ନାନ କରୁଥିବା ବେଳେ ବିଭିନ୍ନ ସମୟରେ ଅଘଟଣ ଘଟୁଛି। ଅନେକ ସମୟରେ ପର୍ଯ୍ୟଟକ ମୃତାହତ ହେଉଛନ୍ତି। ଶନିବାର ମଧ ଜଣେ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପଶ୍ଚିମବଙ୍ଗ ହୁଗୁଳି ଜିଲ୍ଲାର ବ୍ରଜେନ୍ଦ୍ର ରାୟ (୪୫)। ବ୍ରଜେନ୍ଦ୍ର ତାଙ୍କ ସମ୍ପର୍କୀୟମାନଙ୍କ ସହ ପୁରୀ ବୁଲିବାକୁ ଆସିଥିଲେ। ସେମାନେ ଅପରାହ୍ନ ପ୍ରାୟ ସାଢ଼େ ୧ଟା ସମୟରେ ୧୧ ନମ୍ବର ସେକ୍ଟର ସ୍ୱର୍ଗଦ୍ୱାର ନିକଟରେ ଗାଧୋଉଥିଲେ। ଏହି ସମୟରେ ଏକ ଉଚ୍ଚ ଲହଡ଼ିରେ ପଡ଼ିଯାଇ ଭିତରକୁ ଟାଣି ହୋଇଯାଇଥିଲେ ବ୍ରଜେନ୍ଦ୍ର ଓ ତାଙ୍କ ସମ୍ପର୍କୀୟ ତାପସ କର୍ମକାର (୫୦)। ତାଙ୍କ ସମ୍ପର୍କୀୟମାନେ ଉଦ୍ଧାର ପାଇଁ ପାଟି କରିବାରୁ ସେଠାରେ ମୁତୟନ ଥିବା ଲାଇଫଗାର୍ଡମାନେ ଭିତରକୁ ଯାଇଥିଲେ। ମୁମୂର୍ଷୁ ଅବସ୍ଥାରେ ବ୍ରଜେନ୍ଦ୍ରଙ୍କୁ ଉଦ୍ଧାର କରାଯାଇ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାପସଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ ଲାଇଫଗାର୍ଡ। ବ୍ରଜେନ୍ଦ୍ରଙ୍କ ମୃତ୍ୟୁକୁ ନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ବେଳେ ଶବ ବ୍ୟବଚ୍ଛେଦ କରାଇଛି।

### ହେଉନି କଠୋର କାର୍ଯ୍ୟାନୁଷ୍ଠାନ

# ବଦ୍‌ନାମ ଶ୍ରୀମନ୍ଦିର; ବେଫିକର ବାବୁ

**ପୁରୀ, ୧୦।୨(ସମିସ)**

ଅନେକ ସମୟରେ ବହୁ ସମ୍ବେଦନଶୀଳ ପ୍ରସଙ୍ଗରେ ନୀରବ ରହୁଛି ଶ୍ରୀମନ୍ଦିର ପ୍ରଶାସନ। ଫଳରେ ସେହି ସମ୍ବେଦନଶୀଳ ଘଟଣାର ପୁନରାବୃତ୍ତି ଘଟୁଛି। ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଭୁଲ୍ କରୁଥିବା ଲୋକର ଚେତା ପଶୁନି। ଫଳରେ ଏହାଦ୍ୱାରା ଅନ୍ୟମାନେ ମଧ ସେହି ଭୁଲ୍ କରିବାକୁ ସାହସ ବାନ୍ଧୁଛନ୍ତି। ଏପରି କି ସୁବିଧା ଦେଖି ସେହି ଭୁଲ୍ କାମ କରୁଛନ୍ତି। ଏହାଦ୍ୱାରା କେବଳ ପ୍ରତିକ୍ରିୟା ପ୍ରକାଶ ପାଉନି ବରଂ ବଡ଼ଦେଉଳ ବି ବଦ୍‌ନାମ ମୁଣ୍ଡାଉଛି। ନିକଟରେ ଏମିତି ଏକ ଘଟଣା ଘଟିଛି। ଶ୍ରୀମନ୍ଦିର ହୁଣ୍ଡି ଟଙ୍କା ଚୋରି ହୋଇଛି। ଏହି ଚୋରି କୌଣସି ଭକ୍ତ କିମ୍ବା ବାହାର ଲୋକ ନୁହେଁ, ଖୋଦ୍ ମନ୍ଦିର ପ୍ରଶାସନ କାର୍ଯ୍ୟାଳୟର ଜଣେ କର୍ମଚାରୀ କରିଛନ୍ତି। ଯାହାକି ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଶ୍ରୀମନ୍ଦିର ହୁଣ୍ଡି ଟଙ୍କା ଚୋରି ଏହା ପ୍ରଥମ ନୁହେଁ, ବିଗତ ଦିନରେ ବି ଏହିଭଳି କୁତ୍ସିତ କାର୍ଯ୍ୟ ଘଟିଛି। ତେଣୁ ମନ୍ଦିର ପ୍ରଶାସନ ଦୋଷୀଙ୍କ ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ ନ କରିବାକୁ ଏହାର ପୁଣି ପୁନରାବୃତ୍ତି ଘଟିଛି।

ଗତ ୭ ତାରିଖରେ ହୁଣ୍ଡି ଗଣତି ବେଳେ ଟଙ୍କା ଚୋରି କରି ଧରାପଡ଼ିଥିଲେ ପିଅନ ପ୍ରଦୀପ୍ତ ମହାପାତ୍ର। ସିସିଟିଭି ଫୁଟେଜରୁ ଏହା ଜଣାପଡ଼ିବା ପରେ ତାଙ୍କୁ ଯାଞ୍ଚ କରାଯାଇଥିଲା। ପ୍ରାୟ ୩୦ ହଜାର ଟଙ୍କା ତାଙ୍କଠାରୁ ଜବତ କରାଯାଇଥିଲା। ଏ ନେଇ ଗତ ଗୁରୁବାର ସିଂହଦ୍ୱାର ଥାନାରେ ନୀତି ପ୍ରଶାସକ ଏତଲା ଦେଇଥିଲେ। ଏହି ଏତଲାକୁ ଭିତ୍ତିକରି ପୁଲିସ ଏକ ମାମଲା ରୁଜୁ କରିବା ପରେ ତାଙ୍କୁ ମନ୍ଦିର ପ୍ରଶାସନ ନିଲମ୍ବିତ କରିଛି। ତେବେ ବାରମ୍ବାର ଏଭଳି ଘଟଣାର ପୁନରାବୃତ୍ତି ହେଉଥିଲେ ମଧ ମନ୍ଦିର ପ୍ରଶାସନ ପକ୍ଷରୁ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଫଳରେ ଭକ୍ତଙ୍କ ଦାନ ଅର୍ଥକୁ ଚୋରି କରିବାର ଏକ ଖରାପ ପରମ୍ପରା ସୃଷ୍ଟି ହେଉଛି।



୧୯୮୩ ମସିହାରେ ହୁଣ୍ଡି ଫାଉଣ୍ଡେଶନ ଫଣ୍ଡ ଗଠନ କରାଯିବା ସହିତ ହୁଣ୍ଡି ବ୍ୟବସ୍ଥା ଆରମ୍ଭ ହୋଇଥିଲା। ଶ୍ରୀମନ୍ଦିରର ନାଟମଣ୍ଡପରେ ହୁଣ୍ଡି ସ୍ଥାପନ ହୋଇଛି। ଶ୍ରୀମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଏହି ହୁଣ୍ଡିରେ ଟଙ୍କା, ସୁନା, ରୁପା ଆଦି ଦାନ ଦେଇଥାନ୍ତି। ଅପରାହ୍ନରେ ହେଉଥିବା ହୁଣ୍ଡି ଗଣତିରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ଜଣେ ଅଧିକାରୀଙ୍କ ସମେତ କ୍ଲର୍କ ଏବଂ ପିଅନ ନିୟୋଜିତ ରହୁଛନ୍ତି। ଅଧିକାରୀଙ୍କର ସପ୍ତାହକୁ ଦୁଇଦିନ ଗଣତି ଡ୍ୟୁଟି ରହୁଥିବା ବେଳେ କ୍ଲର୍କ ଏବଂ ପିଅନ ୫/୬ ଦିନ ଗଣତିରେ ସାମିଲ ହେଉଛନ୍ତି।

ଗଣତି ମଝିରେ କେହି ବାହାରକୁ ନ ଆସିବା ସହିତ ଏକାଧିକ ଗାଇଡ୍‌ଲାଇନ ରହିଛି। ଦାନ ଅର୍ଥ ଜନସାଧାରଣଙ୍କର। ସେମାନେ ଏହି ଅର୍ଥ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଶ୍ରୀମନ୍ଦିର କାର୍ଯ୍ୟରେ ଲାଗିବା ପାଇଁ ଦେଇଥାନ୍ତି। ତେଣୁ ଗଣତି ସମୟରେ ଏଥିରୁ ଯେପରି ଟଙ୍କାଟିଏ ଏପଟସେପଟ ନ ହୁଏ ସେଥିପ୍ରତି ଗଣତିରେ ସାମିଲ ପ୍ରତ୍ୟେକ ନଜର ରଖିବା ଲାଗି ପରାମର୍ଶ ଦିଆଯାଇଥାଏ। ସେହିପରି ଏକାଧିକ ସିସିଟିଭି ଲଗାଯାଇଥିବା ବେଳେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ମଧ ଗଣତିକୁ ସିଧାସଳଖ ଦେଖିବାର ବ୍ୟବସ୍ଥା ରହିଛି। ପ୍ରତିଦିନ ହୁଣ୍ଡି ଗଣତି ପରେ କେତେ ଟଙ୍କା, ସୁନା, ରୁପା ଆଦି ବାହାରେ ତାହା ମଧ ମନ୍ଦିର ପ୍ରଶାସନ ପକ୍ଷରୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରଦାନ କରାଯାଇଥାଏ। ଏହାସତ୍ତ୍ୱେ ଗଣତି ବେଳେ ଟଙ୍କା ଚୋରିର ସାଂଘାତିକ ଅଭିଯୋଗ ଆସିଛି। ନିକଟ ଅତୀତରେ ଦୁଇଟି ଘଟଣାରେ ଦୁଇଜଣ ଟଙ୍କା ଚୋରି କରିବା ସିସିଟିଭି ଫୁଟେଜରୁ ସ୍ପଷ୍ଟ ହୋଇଛି।

ଗତବର୍ଷ ଜୁଲାଇ ମାସରେ ହୁଣ୍ଡି ଟଙ୍କା ଗଣତି ବେଳେ ଚୋରି କରିବା ଅଭିଯୋଗରେ ମନ୍ଦିର କାର୍ଯ୍ୟାଳୟର ପିଅନ ସୁଶାନ୍ତ ରାଉତରାୟଙ୍କୁ ଗିରଫ କରାଯାଇଥିଲା। ସେ ୮୦୦ ଟଙ୍କା ଚୋରି କରିଥିବା ସିସିଟିଭି ଫୁଟେଜରୁ ଜଣାପଡ଼ିଥିଲା। ତାଙ୍କୁ ମଧ ଚାକିରିରୁ ନିଲମ୍ବିତ କରାଯାଇଥିଲା। ସେହିପରି ୨୦୧୭ ଡିସେମ୍ବର ୧୧ ତାରିଖରେ ଦାନ ଅର୍ଥ ଗଣତି ବେଳେ ଶ୍ରୀମନ୍ଦିର କାର୍ଯ୍ୟାଳୟର ଜଣେ ପିଅନ ୨ହଜାର ଟଙ୍କିଆ ନୋଟ ୨ଟି ଚୋରି କରି ଧରା ପଡ଼ିଥିଲେ। ତାଙ୍କୁ ଜଣେ ଜେଟିପି ଧରିଥିଲେ। ସିସିଟିଭି ଫୁଟେଜରୁ ସେ ଟଙ୍କା ନେଇଥିବା ସ୍ପଷ୍ଟ ହୋଇଥିଲା। ପରବର୍ତ୍ତୀ ସମୟରେ ତାଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିଲା।

ତେବେ ଏଠି ପ୍ରଶ୍ନଉଠୁଛି ପୂର୍ବରୁ ମଧ ସମାନ ଘଟଣା ଘଟିଥିଲା। ଯେ ହେତୁ ଜନସାଧାରଣଙ୍କ ଦାନ ଅର୍ଥ ଏବଂ ତାହା ମହାପ୍ରଭୁଙ୍କ ପାଇଁ ଦିଆଯାଇଛି ତେଣୁ ଏହାର ଶୁଦ୍ଧତା ରହିବା ଦରକାର। ହେଲେ ଅଧିକାରୀମାନେ ଏଥିପ୍ରତି ଯତ୍ନବାନ ନ ଥିବା ଘଟଣାର ପୁନରାବୃତ୍ତିରୁ ସ୍ପଷ୍ଟ ହେଉଛି। ଗଣତିରେ କ୍ଲର୍କ ଏବଂ ପିଅନ ଅଧିକ ସଂଖ୍ୟାରେ ରହୁଥିବା ବେଳେ ଜଣେ ଅଧିକାରୀ ରହୁଛନ୍ତି। କାହିଁକି ଏକାଧିକ ଅଧିକାରୀ ରହୁନାହାନ୍ତି। ଅଧିକାରୀ ଯଦି ଅଧିକ ରହିବେ ତେବେ ଜଣେ ଗଣତି ନ କରି କେବଳ ସମସ୍ତଙ୍କ ଉପରେ ତୀକ୍ଷ୍ଣ ନଜର ରଖିପାରନ୍ତେ। ଏହାଦ୍ୱାରା ଗଣତିରେ ଯେଉଁମାନେ ସାମିଲ ରହୁଛନ୍ତି ସେମାନେ କୌଣସି ପ୍ରକାର ଅନିୟମିତତା କରିବାକୁ ଚେଷ୍ଟା କରନ୍ତେ ନାହିଁ। ହେଲେ ଅଧିକାରୀମାନେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱକୁ କ୍ଲର୍କ ଏବଂ ପିଅନଙ୍କ ହାତରେ ଟେକି ଦେଉଛନ୍ତି। ଏ ସମ୍ପର୍କରେ ନୀତି ପ୍ରଶାସକ ଜିତେନ୍ଦ୍ର ସାହୁଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ପୁରୀ 'ଲିଟରେଚର୍ ଫେଷ୍ଟିଭାଲ' ଉଦ୍‌ଘାଟିତ




**ପୁରୀ, ୧୦।୨(ସମିସ):** ପୁରୀ ସଂସ୍କୃତି ଭବନ ସଭାକକ୍ଷରେ ଅନାମ ଟ୍ରଷ୍ଟ ଦ୍ୱାରା ଆୟୋଜିତ ଦୁଇ ଦୁନିଆ ପ୍ରଥମ ପୁରୀ ଲିଟରେଚର ଫେଷ୍ଟିଭାଲ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିନର ଉଦ୍‌ଘାଟନ ଉତ୍ସବରେ କବି ତଥା କେନ୍ଦ୍ରାଞ୍ଚଳ ରାଜସ୍ୱ ଅଧିକାରୀ ଶ୍ରୀ ରଞ୍ଜନ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଭାଷା ବିଜ୍ଞାନୀ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ, ଭାରତ ସରକାରଙ୍କ ପୂର୍ବତନ ମାନବ ସମ୍ବଳ ବିଭାଗ ସଚିବ ଡ. ସତ୍ୟ ମହାନ୍ତି, ଦିଲ୍ଲୀର କଷ୍ଟମସ ବିଭାଗର ଚିଫକମିସନର ସମଞ୍ଜସ ଦାସ, କବି ତଥା ରାଜନେତା ଶଙ୍କର ପରିଡ଼ା, କବି ତଥା ଉତ୍ସବ ସଂଯୋଜକ ରଶ୍ମି ମହାପାତ୍ର ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ଉତ୍ସବର ନିର୍ଦ୍ଦେଶକ ମନୁ ଦାଶ। ଏହି ଅବସରରେ ସ୍ୱର୍ଗତ ଗୋପୀନାଥ ମହାନ୍ତିଙ୍କ ଗଳ୍ପ ସଂକଳନ ଘାସଫୁଲ, ବିଶିଷ୍ଟ ନାଟ୍ୟକାର ବିଶ୍ୱଜିତ ଦାସଙ୍କ ନାଟକ ମୃଗୟା, ସୀତାକାନ୍ତ ମହାପାତ୍ରଙ୍କ କବିତା ସଂକଳନ କବିତା ସମଗ୍ର-୭, ଶଙ୍କର ପରିଡ଼ାଙ୍କ କବିତା ସଂକଳନ କବିତା କଣିକା, ଦେବୀ ପ୍ରସନ୍ନ ନନ୍ଦଙ୍କ ପୁସ୍ତକ ନାଗା ମଣିଷ ଓ ଅନୁପମ ପାତ୍ରଙ୍କ ଇଂରାଜି କବିତା ସଂକଳନ ଅମରାନଥାଇନ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଉତ୍ସବରେ ବହୁ କବି ଓ ଲେଖକ ଯୋଗ ଦେଇ ସାହିତ୍ୟ ଆଲୋଚନାରେ ଭାଗ ନେଇଥିଲେ। ଓଡ଼ିଆ ଭାଷା ସାମାଜିକ ପ୍ରତିବଦ୍ଧତାର ସ୍ୱର ନା ବୌଦ୍ଧିକ ବିଳାସ ଆଲୋଚନାରେ ସର୍ବଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ଶଙ୍କର ପରିଡ଼ା ଓ ବନୋଜ ତ୍ରିପାଠୀ ପ୍ରମୁଖ ଭାଗ ନେଇଥିଲେ। ନାଟକରେ ଜୀବନ ଶୀର୍ଷକ ଆଲୋଚନାରେ ନାଟ୍ୟକାର ସତ୍ୟ ମହାନ୍ତି, ସମଞ୍ଜସ ଦାସ ଓ ସତ୍ୟବ୍ରତ ରାଉତ ଅଂଶ ଗ୍ରହଣ କରି ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ଓଡ଼ିଆ ଗଳ୍ପ କେତେ ଓଡ଼ିଆ ଆଲୋଚନାରେ ନିଜର ମତ ରଖିଥିଲେ ଗାଳ୍ପିକ ପରେଶ ପଟ୍ଟନାୟକ, ଡ. ଲଲାଟେନ୍ଦୁ ସାହୁ ଓ ଅଜୟ ମହାପାତ୍ର। ଶ୍ରୀକ୍ଷେତ୍ର ଓ ସିନେମା ଶୀର୍ଷକ ଆଲୋଚନାରେ ଭାଗ ନେଇଥିଲେ ଶଙ୍କର ତ୍ରିପାଠୀ, ସମରେନ୍ଦ୍ର ମହାପାତ୍ର ଓ ସ୍ୱସ୍ତିକ ଚୌଧୁରୀ। ଏକ ବିଶେଷ ଅନାମ କବିତା ପାଠୋତ୍ସବରେ ଅନାମ କବିତା ପାଠ କରିଥିଲେ ନେତ୍ରାନନ୍ଦ ସାମନ୍ତରାୟ, ନାରାୟଣ ସିଂ, ରବି ଶତପଥୀ, କାମଦେବ ମହାରଣା ଓ ମନୁ ଦାଶ। ଅପରାହ୍ନରେ ଡ. ଚିତ୍ତରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା କବିତା ପାଠ। ଏଥିରେ ପୁରୀର ବହୁ ପ୍ରତିଷ୍ଠିତ ଓ ନବାଗତ କବି ସ୍ୱରଚିତ କବିତା ପାଠ କରିଥିଲେ। ସଭା ଶେଷରେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ ଶକ୍ତି ସ୍ୱରୂପା ପରିଡ଼ା ଓ ଶକ୍ତି ସମ୍ପନ୍ନା ପରିଡ଼ା। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ପରେଶ ପଟ୍ଟନାୟକ।

## ଗୁଜରାଟରେ ଶିଳ୍ପୀ ମାନସ ସାହୁଙ୍କ ବାଲୁକାକଳା




**ପୁରୀ, ୧୦।୨(ସମିସ):** ମହର୍ଷି ଦୟାନନ୍ଦ ସରସ୍ୱତୀ ଜୀଙ୍କର ୨୦୦ତମ ଜନ୍ମ ବାର୍ଷିକ ଅବସରରେ ତାଙ୍କ ଜନ୍ମସ୍ଥାନ ଗୁଜରାଟର ଟାଙ୍କାରାଠାରେ ଏକ ବିଶାଳ ଉତ୍ସବ ଆୟୋଜିତ ହୋଇଛି। ମହର୍ଷି ଦୟାନନ୍ଦ ସରସ୍ୱତୀ ଜୀଙ୍କୁ ଶ୍ରଦ୍ଧାଞ୍ଜଳି ସ୍ୱରୂପ ପ୍ରସିଦ୍ଧ ବାଲୁକା କଳାକାର ମାନସ କୁମାର ସାହୁଙ୍କ ଦ୍ୱାରା ଏକ ଚମତ୍କାର ବାଲୁକା କଳା ଅତି ସୁନ୍ଦରତାର ସହ ତିଆରି କରାଯାଇଛି। ଏହି ଉଲ୍ଲେଖନୀୟ ବାଲୁକା କଳା ୨୦ ଫୁଟ ଉଚ୍ଚତା ଏବଂ ୨୦ ଟନ୍ ବାଲି ଉପଯୋଗ କରାଯାଇଛି। ବାଲୁକା କଳାକୁ ନିର୍ମାଣ କରିବାକୁ ମାନସ ସାହୁଙ୍କୁ ୧୮ ଘଣ୍ଟା ସମୟ ଲାଗିଥିଲା।

## ଓଡ଼ିଶା-ଜାପାନ ନୃତ୍ୟଗୀତରେ କମ୍ପିଲା ପୁରୀ

**ପୁରୀ, ୧୦।୨(ସମିସ):** ଗୋଟିଏ ପଟେ ସମୁଦ୍ରରୁ ବହି ଆସୁଥିଲା ଶୀତୁଆ ପବନ। ଏପଟେ ତାଳବଣିଆ ପଡ଼ିଆରେ ଝଙ୍କୃତ ହେଉଥିଲା ନୃତ୍ୟ ଗୀତର ମୂର୍ଚ୍ଛନା। ଗୋଟିଏ ମଞ୍ଚରେ ଏକାଠି ହୋଇଥିଲେ ଜାପାନ ଓ ଓଡ଼ିଶା କଳାକାର। ଉଭୟ କଳାକାରଙ୍କ ମିଳିତ ସଙ୍ଗୀତ-ନୃତ୍ୟ ଶୀତୁଆ ସନ୍ଧ୍ୟାରେ ଭରିଦେଇଥିଲା ଉଷ୍ମତା। ଏହି ନୃତ୍ୟ, ଗୀତ ଏବଂ ବାଦ୍ୟର ଧୂନ ଭିତରେ ଜାପାନୀ କଳାକାରଙ୍କ 'ଶ୍ରୀକୃଷ୍ଣ ଗୋବିନ୍ଦ ହରେ ମୁରାରେ' ସଙ୍ଗୀତରେ ସମଗ୍ର ତାଳବଣିଆ ଆଧାତ୍ମିକ ଚେତନାରେ ଭାବମୟ ପରିବେଶ ସୃଷ୍ଟି କରିଥିଲା। ଓଡ଼ିଆ ଓ ଜାପାନ କଳାକାରଙ୍କ ସାୟୋନାରା ଓ ଲଭ୍ ଇନ୍-ଟୋକିଓ ନୃତ୍ୟ ସହ ଉତ୍କଳୀୟ ସଂସ୍କୃତିର ନୃତ୍ୟ ଓ ସଙ୍ଗୀତରେ ପ୍ରକମ୍ପିତ ହୋଇ ଉଠିଥିଲା ସମଗ୍ର ଅଞ୍ଚଳ।




ବିଶେଷକରି ଜାପାନ କଳାକାର ବଲିଉଡ୍ ସଙ୍ଗୀତ ଓ ନୃତ୍ୟକୁ ନିଖୁଣ ଭାବେ ପରିବେଷଣ କରି ଦର୍ଶକଙ୍କ କରତାଳି ସାଉଁଟିଥିଲେ। ଇଣ୍ଡୋ-ଜାପାନ ଫ୍ରେଣ୍ଡସିପ୍ ସେଣ୍ଟରର ସଭାପତି ଶ୍ରୀମନ୍ତ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଯୋଗଦେଇ ଜିଲ୍ଲାପାଳ ବିଜୟ କୁମାର ଦାଶ କହିଥିଲେ ଯେ ଏହି ପର୍ବ ଭାରତ-ଜାପାନ ମଧରେ ସାଂସ୍କୃତିକ ଭାବବିନିମୟ ସହ ଦୁଇଦେଶ ମଧରେ ଭାଇଚାରା ପ୍ରତିଷ୍ଠା କରିବ। ବିଶେଷକରି ଶ୍ରୀଜଗନ୍ନାଥ ସଂସ୍କୃତିକୁ ବିଶ୍ୱମୟ କରିବାରେ ଜାପାନ କଳାକାରଙ୍କ ସହଯୋଗକୁ ଓଡ଼ିଆଜାତି ସ୍ମରଣ ରଖିବ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଶ୍ରୀମନ୍ଦିର ପ୍ରଶାସକ ପ୍ରଦୀପ୍ତ ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଶ୍ରୀମନ୍ଦିରର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଚନ୍ଦ୍ରଶେଖର ଦାଶ, ପୁଲିସ ଅଧିକାରୀ ମାନସ ରଞ୍ଜନ ଚକ୍ର ଓ ଜୟଦୀପ ମହାନ୍ତି, ଅଗ୍ନିଶମ ଅଧିକାରୀ ପ୍ରସନ୍ନଜିତ ବେହେରା, ସିଂହଦ୍ୱାର ଥାନା ଅଧିକାରୀ ଶ୍ୱେତପଦ୍ମା ଦାଶ ଯୋଗ ଦେଇଥିଲେ। ଜାପାନର ବିଶିଷ୍ଟ କଳାକାର ସୁଜୁକି ମାରିକା, ୟାସିଦା କରେନ, ଡୋଇ ଆକିଏ, ଇଣ୍ଡୋ ମିକେ ପ୍ରମୁଖ ଭାରତୀୟ ସଙ୍ଗୀତକୁ ବାଦ୍ୟ ମୂର୍ଚ୍ଛନାରେ ତରଙ୍ଗାୟିତ କରିଥିବା ବେଳେ, ବିଶିଷ୍ଟ ନୃତ୍ୟଶିଳ୍ପୀ ରୋଜାଲିନ ମହାନ୍ତି, କଣ୍ଠଶିଳ୍ପୀ ଶାଶ୍ୱତୀ ଦାଶ ଓ ଦିବ୍ୟଜ୍ୟୋତି ନନ୍ଦ ପ୍ରମୁଖ ନୃତ୍ୟ-ସଙ୍ଗୀତ ଏବଂ ଲିଙ୍ଗରାଜ ଦାସ ଓ ସତ୍ୟବାନ ସେଠୀ ପ୍ରମୁଖ ଯନ୍ତ୍ରସଙ୍ଗୀତରେ ଶ୍ରୋତାଙ୍କୁ ଉଲ୍ଲସିତ କରିଥିଲେ। ପ୍ରକୃତିବନ୍ଧୁ ବଦ୍ରି ମିଶ୍ର ଓ ପରିବେଶବିତ୍ ସରୋଜ ଜେନାଙ୍କ ନେତୃତ୍ୱରେ ଜାପାନ-ଭାରତର କଳାକାରମାନେ ବୃକ୍ଷରୋପଣ ସହ ତାଳବଣିଆରେ ଥିବା ଗଛରେ ମିଳିତ ଜଳଦାନ କରିଥିଲେ। ଓଡ଼ିଶାର ବିଶିଷ୍ଟ ଉଦଘୋଷକ ବିଶ୍ୱନାଥ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସୁମନ୍ତ ପରିଡ଼ା, ହେମନ୍ତ ନାୟକ, ମାନସ ଦାସ, ଦୁଷ୍ମନ୍ତ ସାହୁ ଓ ରଞ୍ଜିତ ସ୍ୱାଇଁ, ସଞ୍ଜୀବ ନାୟକ। ଏହି ଅବସରରେ ଅତିଥିମାନେ ଓଡ଼ିଶାର ପରିବେଶ ସୁରକ୍ଷାରେ ଉଲ୍ଲେଖନୀୟ ଅବଦାନ ପାଇଁ ବଦ୍ରି ମିଶ୍ର, ଚିକିତ୍ସା ସେବା ପାଇଁ ଡାକ୍ତର ସୌମ୍ୟରଞ୍ଜନ ଷଡ଼ଙ୍ଗୀ, ସଂସ୍କୃତି ବିକାଶ ପାଇଁ ବିଶ୍ୱନାଥ ମିଶ୍ର, ସ୍ୱଚ୍ଛ ଭାରତ ପାଇଁ ସରୋଜ ଜେନା, ବାଲୁକାକଳା ପାଇଁ ସୁଦାମ ପ୍ରଧାନ, ନାଟ୍ୟକଳା ପାଇଁ ପ୍ରଶାନ୍ତ କୁମାର ମିଶ୍ର, ନୃତ୍ୟ ପାଇଁ ରୋଜାଲିନ ମହାନ୍ତି, କଣ୍ଠସଙ୍ଗୀତ ପାଇଁ ଶାଶ୍ୱତୀ ଦାଶ ଓ ଦିବ୍ୟଜ୍ୟୋତି ନନ୍ଦ, ବାଦ୍ୟ ଯନ୍ତ୍ର ପାଇଁ ଲିଙ୍ଗରାଜ ଦାସ ପ୍ରମୁଖଙ୍କୁ ସମ୍ମାନିତ କରିଥିଲେ। ଆଗାମୀ ହୋଲି, ରଥଯାତ୍ରା ଓ ରଜ ସମୟରେ ଇଣ୍ଡୋ-ଜାପାନ ଫ୍ରେଣ୍ଡସିପ୍ ସେଣ୍ଟର ପକ୍ଷରୁ ପୁରୀରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯିବ ବୋଲି ସଭାପତି ଶ୍ରୀମନ୍ତ କୁମାର ଦାଶ ଘୋଷଣା କରିଛନ୍ତି।




### ବଦ୍ରି ମିଶ୍ର, ବିଶ୍ୱନାଥ, ସୁଦାମ, ସରୋଜ ଓ ସୌମ୍ୟ ସମ୍ମାନିତ




### 'ନୂଆ-ଓ' ରାଜ୍ୟସ୍ତରୀୟ ଖୋ ଖୋ ପ୍ରତିଯୋଗିତା ଉଦ୍‌ଯାପିତ

## ମହିଳାରେ ଖୋର୍ଦ୍ଧା; ପୁରୁଷରେ ବାଲେଶ୍ୱର ଚାମ୍ପିଅନ

**ପୁରୀ, ୧୦।୨(ସମିସ):** 'ନୂଆ-ଓ' ଯୁବ ସମାଜର ଲୁକ୍କାୟିତ ପ୍ରତିଭାକୁ ବାହାରକୁ ଆଣିବାରେ ସହାୟକ ହୋଇଛି ବୋଲି କହିଛନ୍ତି କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା। ଶନିବାର ଜିଲ୍ଲା ସ୍କୁଲ ପରିସରରେ 'ନୂଆ-ଓ' ମାଧ୍ୟମରେ ହେଉଥିବା ରାଜ୍ୟସ୍ତରୀୟ ଖୋ ଖୋ ପ୍ରତିଯୋଗିତାର ଶ୍ରେଷ୍ଠ ଦଳକୁ ମୁଖ୍ୟ ଅତିଥି ରୂପେ ପୁରସ୍କୃତ କରିବା ଅବସରରେ ମନ୍ତ୍ରୀ ଶ୍ରୀ ବେହେରା କ୍ରୀଡ଼ା ଶରୀରକୁ ସୁସ୍ଥ ଓ ମାନସିକ ଦୃଢ଼ତା କରିବା ସହ ଶୃଙ୍ଖଳା ଓ ଭାଇଚାରାର ଶିକ୍ଷା ଦେଇଥାଏ। ରାଜ୍ୟ ସରକାର କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ବିକାଶ ପାଇଁ ଅନେକ ପଦକ୍ଷେପ ନେଇଛନ୍ତି। ସମଗ୍ର ବିଶ୍ୱରେ କ୍ରୀଡ଼ା ପାଇଁ ରାଜ୍ୟର ସୁନାମ ବୃଦ୍ଧି ପାଇଛି ବୋଲି କହିବା ସହ ସମସ୍ତ କ୍ରୀଡ଼ାବିତ୍‌ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଅନ୍ୟମାନଙ୍କ ମଧରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଖୋ ଖୋ ସଂଘର ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ଓଏସଡି ଡ. ସ୍ୱରୂପାନନ୍ଦ ସାହୁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ପ୍ରମୁଖ ଯୋଗଦେଇ କ୍ରୀଡ଼ାବିତ୍‌ଙ୍କ ପ୍ରତିଭାର ବିକାଶ ଓ କ୍ରୀଡ଼ା କ୍ଷେତ୍ରରେ ସେମାନଙ୍କୁ ସମର୍ଥ କରିବାକୁ 'ନୂଆ-ଓ' ଏକ ସୁନ୍ଦର ପ୍ଲାଟଫର୍ମ ବୋଲି କହିଥିଲେ। ମହିଳା ବର୍ଗରେ ଖୋର୍ଦ୍ଧା ଜିଲ୍ଲା ଓ ପୁରୁଷ ବର୍ଗରେ ବାଲେଶ୍ୱର ଜିଲ୍ଲା ପ୍ରଥମ ହୋଇଥିବାରୁ ୨ ଲକ୍ଷ ଲେଖାଏଁ ଟଙ୍କା, ମହିଳା ବର୍ଗରେ ବାଲେଶ୍ୱର ଜିଲ୍ଲା ଓ ପୁରୁଷ ବର୍ଗରେ ପୁରୀ ଜିଲ୍ଲା ୨ୟ ହୋଇଥିବାରୁ ୧ଲକ୍ଷ ଟଙ୍କା ଲେଖାଏଁ, ମହିଳା ବର୍ଗରେ ପୁରୀ ଜିଲ୍ଲା ଓ ପୁରୁଷ ବର୍ଗରେ ଜଗତସିଂହପୁର ଜିଲ୍ଲା ୩ୟ ହୋଇଥିବାରୁ ୫୦ ହଜାର ଟଙ୍କା ଓ ମହିଳା ବର୍ଗରେ ଜଗତସିଂହପୁର ଜିଲ୍ଲା ଓ ପୁରୁଷ ବର୍ଗରେ ଖୋର୍ଦ୍ଧା ଜିଲ୍ଲା ୪ର୍ଥ ହୋଇ ଥିବାରୁ ୫୦ ହଜାର ଟଙ୍କା ଲେଖାଏଁ ସହ ମାନପତ୍ର ଓ ଟ୍ରଫି ଦେଇ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଶ୍ରେଷ୍ଠ ଖେଳାଳି ଭାବେ ମହିଳା ବର୍ଗରେ ଖୋର୍ଦ୍ଧାର ଶୁଭଶ୍ରୀ ସିଂଙ୍କୁ ଓ ପୁରୁଷ ବର୍ଗରେ ପୁରୀର ସନ୍ତୋଷ କୁମାର ପ୍ରଧାନଙ୍କୁ ମଧ ୧୦ ହଜାର ଟଙ୍କା, ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରୀ ଜିଲ୍ଲାକୁ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତା ଆୟୋଜନର ସୁଯୋଗ ମିଳିଥିଲା। ଏହା ଅତି ଶୃଙ୍ଖଳିତ ଓ ସୁନ୍ଦର ଭାବେ ସମାପନ ହୋଇଥିବାରୁ ଜିଲ୍ଲାପାଳ ବିଜୟ କୁମାର ଦାଶ ସମସ୍ତଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଅର୍ପଣ କରିଛନ୍ତି।



## ● କୂଳ ଖାଉଛି ମହାନଦୀ; ବିପଦରେ ବଡ଼ବାଣପୁର

# ଗର୍ଭରେ ଲୀନ ହେଉଛି ନଦୀପଠା

**ଖଣ୍ଡପଡ଼ା, ୧୦।୨(ସମିସ):** ଖଣ୍ଡପଡ଼ା ବ୍ଲକ ବଡ଼ବାଣପୁର ଗ୍ରାମ ନିକଟସ୍ଥ ମହାନଦୀ କୂଳ ଖାଉଛି। ମହାଦେବ ସାହି ଘାଟଠାରୁ ନୀଳମାଧବ ମହାବିଦ୍ୟାଳୟ ପର୍ଯ୍ୟନ୍ତ ପ୍ରାୟ ୧ କିଲୋମିଟର ନଦୀ ପଠା ନଦୀ ଭିତରେ ଧସି ଯାଉଥିବା ଦେଖିବାକୁ ମିଳିଛି। ଗତ କିଛି ବର୍ଷ ତଳୁ ନଦୀ ଜଳଧାର ଦୁଇ ଭାଗରେ ବିଭକ୍ତ ହୋଇ ବହୁଥିବା ବେଳେ ମହାନଦୀ କୂଳ ଖାଇବା ଫଳରେ ଏକଶହ ଫୁଟରୁ ଅଧିକ ଓସାରର ପଠା ସମ୍ପୂର୍ଣ୍ଣ ମହାନଦୀ ଗର୍ଭରେ ବିଲୀନ ହୋଇଯାଇଛି।

ଏହାସହ ଆହୁରି ୨୦ ଫୁଟ୍ ପଠା ବର୍ତ୍ତମାନ ବିପଦସଙ୍କୁଳ ଅବସ୍ଥାରେ ରହିଛି। ସେଥିମଧ୍ୟରୁ ଅଧିକାଂଶ ସ୍ଥାନ ବାଲି ଧଶି କୋରଡ଼ ହୋଇଯାଇଛି। ଯାହାକି ଭବିଷ୍ୟତରେ ଉକ୍ତ ଅଞ୍ଚଳ ପାଇଁ ଏକ ବଡ଼ ବିପଦ ସୃଷ୍ଟି କରିବା ଆଶଙ୍କା ରହିଛି। ଗ୍ରାମରେ ବସବାସ କରୁଥିବା ହଜାର ହଜାର ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଛି। ପୂର୍ବରୁ ନଦୀ ବଢ଼ି ସମୟରେ ଗାଁ ଭିତରେ ବନ୍ୟାଜଳ ପ୍ରବାହିତ ହେଉଥିଲା। କିଛିବର୍ଷ ତଳେ ଏକ ଆଡ଼ି ବନ୍ଧ ନିର୍ମାଣ କରାଯାଇ ବନ୍ୟାଜଳକୁ ରୋକା ଯାଇ ପାରିଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ପୂର୍ବରୁ ପ୍ରାୟ ୫ ଏକରରୁ ଊର୍ଦ୍ଧ୍ୱ ନଦୀପଠା ଥିବା ବେଳେ ଏହା ଚାଷୀଙ୍କୁ ନିଲାମ ସୂତ୍ରରେ ବିଭିନ୍ନ ପନିପରିବା ଚାଷ ନିମନ୍ତେ ଦିଆଯାଉଥିଲା। ଯାହାଦ୍ୱାରା ଗ୍ରାମର ହଜାର ହଜାର ଟଙ୍କା ଆୟ ହେବା ସହ ଚାଷୀଙ୍କୁଳ ଆର୍ଥିକ ସ୍ୱଚ୍ଛଳ ହେଉଥିଲା। ନଦୀ ପଠାକୁ ଜଳସମ୍ପଦ ବିଭାଗ ପକ୍ଷରୁ ମହାଦେବ ସାହିଠାରୁ ନୀଳମାଧବ ମହାବିଦ୍ୟାଳୟ ସୀମା ମଧ୍ୟରେ ମହାନଦୀର କୂଳ କ୍ଷୟ ରୋକିବା ଲାଗି ପଥର ଆଡ଼ି ବନ୍ଧ ନିର୍ମାଣ କରାଯିବାକୁ ଦାବି ହୋଇଛି। ଗ୍ରାମ ସୁରକ୍ଷିତ ରହିବା ସହିତ ଗ୍ରାମବାସୀ ମଧ୍ୟ ସୁରକ୍ଷିତ ରହିପାରିବେ। ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି। ଏନେଇ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ନେବାରୁ ଏ ସଂକ୍ରାନ୍ତରେ ପୂର୍ବରୁ ପ୍ରୋଜେକ୍ଟ ଯାଇଥିବା ବେଳେ ଆଗାମୀ ଦିନରେ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ପ୍ରଦାନ କରିଛନ୍ତି।



## ୬ କୋଟି ଅନିୟମିତତା; କେବେ ମିଳିବ ସଞ୍ଚିତ ଅର୍ଥ

# ସମବାୟ ଜାଲରେ କୁରାଳ ଜମାକାରୀଙ୍କ ଭାଗ୍ୟ

**ନୟାଗଡ଼, ୧୦।୨(ସମିସ)**

ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଅଧୀନସ୍ଥ କୁରାଳ ସମବାୟ ସମିତିରେ ୬ କୋଟି ୪୨ ଲକ୍ଷ ଟଙ୍କା ଅନିୟମିତତା ଘଟଣାର ଖିଅ ଖୋଲି ପାରୁନଥିବା ବେଳେ ଦୀର୍ଘ ୭ ବର୍ଷ ଧରି ଜମାଟଙ୍କା ଫେରି ପାଇବାକୁ ଲୋକମାନେ ଚାହିଁ ବସିଛନ୍ତି। ସମବାୟ ବିଭାଗର କାଗଜ ଚାଷରେ ଜମାକାରୀଙ୍କ ଭାଗ୍ୟ ବନ୍ଧା ପଡ଼ିଛି। କୁରାଳ ସମବାୟ ସମିତିରେ ସମ୍ପାଦକ କାଳୁ ଚରଣ ରାଉତ ଏବଂ ତତ୍କାଳୀନ ସଭାପତି ପଞ୍ଚୁ ପ୍ରଧାନଙ୍କ ମିଳିତ ହରିଲୁଟ୍ ଯୋଜନାରେ କୁରାଳ ପ୍ୟାକ୍ସର ଶହ ଶହ ଜମାକାରୀଙ୍କ ଏସବି ଏବଂ ଫିକ୍ସ ଡିପୋଜିଟ୍ ଅର୍ଥ ହରିଲୁଟ୍ ହୋଇଛି। ଚାଷୀମାନେ ନିଜ ରୋଜଗାର ସଞ୍ଚିତ ଧନକୁ ଫେରି ପାଇବାକୁ ଚାହିଁ ବସିଛନ୍ତି। ବାରମ୍ବାର ଅର୍ଥ ଫେରସ୍ତ କରିବା ପାଇଁ ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କକୁ ନିର୍ଦ୍ଦେଶ ମିଳିଥିବା ବେଳେ ଏହାକୁ ଅଣଦେଖା କରାଯାଇଛି। ପ୍ରଶାସନ ଏବଂ ରାଜନେତାଙ୍କ ଏଥିପ୍ରତି ଆନ୍ତରିକତା ନଥିବା ଅଭିଯୋଗ ହୋଇଛି। ସମବାୟ ବିଭାଗ ନିବନ୍ଧକ ନୟାଗଡ଼ ସହକାରୀ ନିବନ୍ଧକଙ୍କୁ ହିତାଧିକାରୀଙ୍କ ଜମା ରାଶି ପରିମାଣ ଏବଂ ହିତାଧିକାରୀଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରି ଟଙ୍କା ଫେରସ୍ତ ଦେବାକୁ କିଛିଦିନ ତଳେ ନିର୍ଦ୍ଦେଶ ଦେଇଥିଲେ। ଯାହାକୁ ନେଇ ନୟାଗଡ଼ ସହକାରୀ ନିବନ୍ଧକଙ୍କ ନିର୍ଦ୍ଦେଶରେ ଉପ-ସହକାରୀ ନିବନ୍ଧକ ସୁଦାମ ଚରଣ ଜେନା ଏବଂ ଓଡ଼ଗାଁ ଶାଖା ପରିଚାଳକ ବଟକୃଷ୍ଣ ବେହେରା, କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳକ ମୃତ୍ୟୁଞ୍ଜୟ ବେହେରା, ଓଡ଼ଗାଁ ବ୍ଲକ ସମବାୟ ନିରୀକ୍ଷକ ସୁଶାନ୍ତ କୁମାର ସାହୁ, କୁରାଳ ପ୍ୟାକ୍ସ ସମ୍ପାଦକ ଲିଙ୍ଗରାଜ ସାହୁ ହିତାଧିକାରୀଙ୍କଠାରୁ ତଥ୍ୟ ସଂଗ୍ରହ କରିଥିଲେ। ୨୪୪ ଜଣ ହିତାଧିକାରୀଙ୍କର ୩୭୨ ଆକାଉଣ୍ଟ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଇ ବିଭାଗକୁ ତଥ୍ୟ ପଠା ଯାଇଥିବା ବେଳେ କେତେ ଟଙ୍କା ହିତାଧିକାରୀ ଫେରି ପାଇବେ, ତାହା ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀମାନେ ଲୁଚାଇଛନ୍ତି। ଟଙ୍କାର ପରିମାଣ ସମ୍ପର୍କରେ କୌଣସି ସୂଚନା ଅବଗତ କରାଯାଇନଥିବାରୁ କୁରାଳ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଜାଣିଶୁଣି ସମବାୟ ବିଭାଗ ଅଧିକାରୀମାନେ କାଗଜ ଚାଷ ଜରିଆରେ ଚଞ୍ଚକତା କରୁଥିବା ଅଭିଯୋଗ ହୋଇଛି। ୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା କେବେ ହିତାଧିକାରୀଙ୍କୁ ମିଳିବ, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସମବାୟ ବିଭାଗ ବୁଢ଼ିଆଣୀ ଜାଲରେ ଜମାକାରୀଙ୍କ ଭାଗ୍ୟ ବନ୍ଧା ପଡ଼ିଛି ବୋଲି ଆଲୋଚନା ହେଉଛି। ନୟାଗଡ଼ରୁ କୁରାଳ ପ୍ୟାକ୍ସକୁ ଗତ କିଛିଦିନ ହେବ ଅଧିକାରୀମାନେ ଯାଇ ତଥ୍ୟ ଯାଞ୍ଚ କରୁଥିବା ବେଳେ ସମବାୟ ସମିତି ସମୂହ କାର୍ଯ୍ୟାଳୟ ଏବଂ ବ୍ୟାଙ୍କ ମଧ୍ୟରେ କିଏ ଗାଡ଼ି ଯୋଗାଇବ ତାକୁ ନେଇ ଭିଡ଼ା ଓଟରା ଏବଂ ଚିଠି ଦିଆନିଆରେ ସମୟ ଅତିବାହିତ ହେଉଛି। ୫ ଦିନରେ ଅଧିକାରୀମାନେ ୮୦ ଜଣ ଜମାକାରୀଙ୍କ ତଥ୍ୟ ତଥା ଅର୍ଥ ପରିମାଣ ଆକଳନ କରିଥିବା ପ୍ୟାକ୍ସ ପରିଚାଳନା ପରିଷଦ ପକ୍ଷରୁ ସୂଚନା ମିଳିଛି। ଘୋରଣା ଚକି ତଳ ଭଳି ସମବାୟ ବିଭାଗ କାର୍ଯ୍ୟ କରୁଥିବା ବେଳେ ଜମାକାରୀଙ୍କୁ ସତରେ ଟଙ୍କା ଫେରସ୍ତ ମିଳିବ, ନା ଏହା ଧୂଆଁବାଣ ବୋଲି ହିତାଧିକାରୀ ଆଲୋଚନା କରୁଛନ୍ତି।

### ସମ୍ପାଦକଙ୍କ ସମ୍ପତ୍ତି ନିଲାମ କେବେ?

**ନୟାଗଡ଼:** ନୟାଗଡ଼ ଜିଲ୍ଲା କୁରାଳ ସମବାୟ ସମିତିରେ ଘଟିଥିବା ଅନିୟମିତତା ଘଟଣାରେ ସମ୍ପୃକ୍ତ ସମ୍ପାଦକ କାଳୁଚରଣ ରାଉତଙ୍କ ସମ୍ପତ୍ତି ନିଲାମ କରିବାକୁ ସହକାରୀ ନିବନ୍ଧକ ଓଡ଼ଗାଁ ବ୍ୟାଙ୍କ ଶାଖା ପରିଚାଳକଙ୍କୁ ୨୦୨୩ ଅକ୍ଟୋବର ୨୦ ରୁ ନିର୍ଦ୍ଦେଶ ଦେଇଛନ୍ତି। ଇପି ମାମଲା ନଂ ୧/୨୩ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ରହିଛି। ଆଜି ପର୍ଯ୍ୟନ୍ତ କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଓଡ଼ଗାଁ ଶାଖା ପରିଚାଳକ ବଟକୃଷ୍ଣ ବେହେରାଙ୍କ ଉପରେ ଏହି ଦାୟିତ୍ୱ ରହିଥିବା ବେଳେ ୪ ମାସ ମଧ୍ୟରେ କୌଣସି ପଦକ୍ଷେପ ନିଆଯାଇନାହିଁ।

### ଅଡୁଆରେ ଉପ-ସହକାରୀ ନିବନ୍ଧକ; ହୋଇପାରେ କାର୍ଯ୍ୟାନୁଷ୍ଠାନ

**ନୟାଗଡ଼:** ନୟାଗଡ଼ ଜିଲ୍ଲା କୁରାଳ ସମବାୟ ସମିତି ତଥା ପ୍ୟାକ୍ସ ଅନିୟମିତତାକୁ ପ୍ରସଙ୍ଗରେ ଆଉ ଜଣେ ଉପ ସହକାରୀ ନିବନ୍ଧକ ଏବେ ଛନ୍ଦି ହେବେ ବୋଲି ସୂଚନା ମିଳିଛି। ସମବାୟ ନିବନ୍ଧକଙ୍କ ନିର୍ଦ୍ଦେଶରେ ଅଡିଟର ସୁଶାନ୍ତ କୁମାର ଦାଶଙ୍କୁ ନିଲମ୍ବନ କରାଯାଇଥିବା ବେଳେ ତତ୍କାଳୀନ ଉପ-ସହକାରୀ ନିବନ୍ଧକ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ ଏବଂ ପାଣ୍ଡୁ ଚରଣ ସାହୁଙ୍କ ବିରୋଧରେ ପ୍ରୋସିଡିଂ କରାଯାଇଛି। ଏବେ ଏହି ପ୍ରସଙ୍ଗରେ ନୟାଗଡ଼ ସମବାୟ ସମିତି ସମୂହ ଉପ ସହକାରୀ ନିବନ୍ଧକ ସୁଦାମ ଚରଣ ଜେନା ଛନ୍ଦି ହେବେ ବୋଲି ସୂଚନା ମିଳିଛି। ୨୦୨୦ ମସିହାରେ ଶ୍ରୀ ଜେନା ନୟାଗଡ଼ ସହକାରୀ ନିବନ୍ଧକ ଭାରପ୍ରାପ୍ତ ଦାୟିତ୍ୱରେ ଥିବା ସମୟରେ କୁରାଳ ପ୍ୟାକ୍ସ ଅନିୟମିତତାକୁ ନେଇ ହିତାଧିକାରୀମାନେ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ଘେରାଉ କରିଥିଲେ। ଯାହାକୁ ନେଇ ସମବାୟ ନିବନ୍ଧକ ୬୫ ଆକ୍ଟ ଅନୁସାରେ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଶ୍ରୀ ଜେନା ଅଣଦେଖା କରିଥିଲେ। ଯାହାକୁ ନେଇ ସମବାୟ ବିଭାଗ ପକ୍ଷରୁ ଶ୍ରୀ ଜେନାଙ୍କ ବିରୋଧରେ ପ୍ରୋସିଡିଂ ହୋଇଥିବା ସୂଚନା ମିଳିଛି। ଖୁବ୍‌ଶୀଘ୍ର ଶ୍ରୀ ଜେନାଙ୍କ ବିରୋଧରେ ସମବାୟ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ସୂଚନା ମିଳିଛି।

## ● 'ସଙ୍ଗୀତଧାରା' ଭକ୍ତି ସଙ୍ଗୀତ ପ୍ରତିଯୋଗିତା

# ପ୍ରଯ୍ୟାତାତ୍ମା ହେଲେ ନୟାଗଡ଼ ସଙ୍ଗୀତ କଲ୍ଲୋଳ

**ନୟାଗଡ଼, ୧୦।୨(ସମିସ):** 'ସଙ୍ଗୀତଧାରା' ନୟାଗଡ଼ ପକ୍ଷରୁ ସ୍ଥାନୀୟ ପଠାଣି ସମାନ୍ତ ସଂସ୍କୃତି ଭବନଠାରେ ଆୟୋଜିତ ଭକ୍ତି ସଙ୍ଗୀତ ପ୍ରତିଯୋଗିତା ଫାଇନାଲରେ ପ୍ରଯ୍ୟାତାତ୍ମା ରଥ ବିଜୟୀ ହୋଇ ୧୧ ହଜାର ନଗଦ ରାଶି ସହିତ ନୟାଗଡ଼ ସଙ୍ଗୀତ କଲ୍ଲୋଳ ଉପାଧିରେ ଭୂଷିତ ହୋଇଛନ୍ତି। ସୂଚନାଯୋଗ୍ୟ ଯେ ଜିଲ୍ଲାର ୮ଟି ବ୍ଲକରେ ଅନୁଷ୍ଠିତ ବ୍ଲକସ୍ତରୀୟ ପ୍ରତିଯୋଗିତାରୁ ଶ୍ରେଷ୍ଠ ୧୧ ପ୍ରତିଯୋଗୀ ଫାଇନାଲକୁ ମନୋନୀତ ହୋଇଥିଲେ। ତିନି ପର୍ଯ୍ୟାୟରେ ଅନୁଷ୍ଠିତ ଏହି ଫାଇନାଲ ପ୍ରତିଯୋଗିତାରେ ବିଚାରକ ଭାବେ ଲବ୍ଧ ପ୍ରତିଷ୍ଠିତ ପ୍ରଚ୍ଛଦପଟ କଣ୍ଠଶିଳ୍ପୀ ଗୀତା ଦାଶ, ଆଲୋକ କୁଣ୍ଡୁ ଏବଂ ସଙ୍ଗୀତ ନିର୍ଦ୍ଦେଶକ ଅଶୋକ ଗଣ୍ଡିଆ ଯୋଗଦାନ କରି ଶ୍ରେଷ୍ଠ ୩ ବିଜେତାଙ୍କୁ ବାଛିଥିଲେ। ଶେଷରେ ଅନୁଷ୍ଠିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ପ୍ରଯ୍ୟାତାତ୍ମାଙ୍କୁ ନୟାଗଡ଼ ସଙ୍ଗୀତ କଲ୍ଲୋଳ ଉପାଧି ସହିତ ମାନପତ୍ର, ଟ୍ରଫି ଏବଂ ଅର୍ଥ ରାଶି ପ୍ରଦାନ କରିଥିଲେ। ସେହିପରି ୨ୟ ସ୍ଥାନ ଅଧିକାର କରିଥିବା ଓମ ପ୍ରକାଶ ପାତ୍ରଙ୍କୁ ୫ହଜାର ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ସ୍ନେହା ପ୍ରିୟଦର୍ଶିନୀଙ୍କୁ ୩ ହଜାର ଟଙ୍କା ଅର୍ଥ ରାଶି ସହିତ ଟ୍ରଫି ଏବଂ ମାନପତ୍ର ପ୍ରଦାନ କରିଥିଲେ। ଏଥି ସହିତ ଚୂଡ଼ାନ୍ତ ପର୍ଯ୍ୟାୟରେ ଯୋଗଦାନ କରିଥିବା ବିଚାରକ ମାନଙ୍କୁ ଉପଢ୍ୌକନ ଏବଂ ମାନପତ୍ର ଦେଇ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିବା ବେଳେ ବ୍ଲକ ପର୍ଯ୍ୟାୟରେ ଅନୁଷ୍ଠିତ ପ୍ରତିଯୋଗିତାର ବିଚାରକମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ କଣ୍ଠଶିଳ୍ପୀ ପ୍ରଶାନ୍ତ ଦାଶ, ଗୋପୀନାଥ ସେଠୀ ଏବଂ ଜୟଶ୍ରୀ ଦେବୀ ସଂଯୋଜନା କରିଥିବା ବେଳେ ଅନୁଷ୍ଠାନ ସଭାପତି ନାଟ୍ୟଭୂଷଣ ଡ.ବିଜୟ ଚୌଧୁରୀ, ମୁଖ୍ୟ ପୃଷ୍ଠପୋଷକ ସମାଜସେବୀ ପ୍ରମୋଦ ପଟ୍ଟନାୟକ, ଉପସଭାପତି ଡ.ନିର୍ମଳ ଚନ୍ଦ୍ର ଶୂରଦେଓ, ସମ୍ପାଦକ କଣ୍ଠଶିଳ୍ପୀ ପ୍ରଶାନ୍ତ ଦାଶ, ସହ ସମ୍ପାଦକ ବିଜୟାନନ୍ଦ ମହାପାତ୍ର, ସଂଯୋଜକ ଲକ୍ଷ୍ମୀଧର ସାହୁ, ଗୁରୁ ପ୍ରଭାତ ମହାପାତ୍ର, ଅଶୋକ ମଲ୍ଲ, ଡ.ଆଶୁତୋଷ ମିଶ୍ର, ରଞ୍ଜନ ରଶ୍ମି ଜେନା, ପ୍ରଦୀପ ସାହୁ, ପ୍ରଶାନ୍ତ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।



# ପୁସ୍ତକ ଉନ୍ମୋଚନ ଉତ୍ସବ

**ନୟାଗଡ଼, ୧୦।୨(ସମିସ):** ନୟାଗଡ଼ ରୋଟାରୀ କ୍ଲବ ପରିସରରେ ଅଧ୍ୟାପକ ସରୋଜ କୁମାର ପଟ୍ଟନାୟକଙ୍କ ଉଦ୍ୟମରେ ନୟାଗଡ଼ର ସୁନାମଧନ୍ୟ, ଆଇନଜ୍ଞ, ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ ସ୍ୱର୍ଗତ ନରସିଂହ ପଟ୍ଟନାୟକଙ୍କ ଲିଖିତ ସଂକ୍ଷିପ୍ତ ଆତ୍ମଲିପି 'ମୋ ସମୟର ନୟାଗଡ଼: ଧ୍ୱନି, ପ୍ରତିଧ୍ୱନି ଏବଂ ବିଦୂଷି ବିଭୁ ପରାୟଣ ଓ ସୁସାହିତ୍ୟିକା ସ୍ୱର୍ଗତା ମନୋରମା ପଟ୍ଟନାୟକଙ୍କ ଲିଖିତ ଭଜନାବଳୀ 'ନୀଳ ପର୍ବତର କାଳିଆ ସୁନା' ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ପୂର୍ବାଞ୍ଚଳ ଭାଷାକେନ୍ଦ୍ରର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଅରବିନ୍ଦ ପଟ୍ଟନାୟକ ଓ ଶରଣକୁଳ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ରାମଚନ୍ଦ୍ର ମିଶ୍ର ଯୋଗଦେଇ ପୁସ୍ତକ ଉନ୍ମୋଚନ କରିଥିଲେ। ମୁଖ୍ୟ ଅତିଥି ରୂପେ ଅବସରପ୍ରାପ୍ତ ଆଇଏଏସ୍ କରୁଣା କର ପଟ୍ଟନାୟକ, ମୁଖ୍ୟବକ୍ତା ରୂପେ ଦୈନିକ 'ସକାଳ' ସମ୍ପାଦକ ଡ. ଉମାକାନ୍ତ ମିଶ୍ର ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରଫେସର ଅଶୋକ କୁମାର ମହାନ୍ତି ପୁସ୍ତକ ସମୀକ୍ଷା କରିଥିଲେ।

ଏହି ଅବସରରେ ସମ୍ମାନିତ ଅତିଥି ରୂପେ ବରିଷ୍ଠ ସାମ୍ବାଦିକ ପ୍ରଦୀପ୍ତ ପଟ୍ଟନାୟକ ଯୋଗ ଦେଇଥିଲେ। ସମାଜସେବୀ ପ୍ରମୋଦ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପକ ଆଶୁତୋଷ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ।




# ଆଞ୍ଚଳିକ ନାଗରିକ ମଞ୍ଚର ଧାରଣା



**ଶରଣକୁଳ, ୧୦।୨(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଶରଣକୁଳ ଅଞ୍ଚଳର ବିକାଶ ନିମନ୍ତେ ବିଭିନ୍ନ ଦାବି ନେଇ ଶରଣକୁଳ ଆଞ୍ଚଳିକ ନାଗରିକ ମଞ୍ଚ ପକ୍ଷରୁ ସ୍ଥାନୀୟ ବାପୁଜୀ ସେବା ସଙ୍ଘଠାରେ ଧାରଣା ପଞ୍ଚମ ଦିନରେ ପହଞ୍ଚିଛି। ନାଗରିକ ମଞ୍ଚର ସକ୍ରିୟ ସଦସ୍ୟ ଋଷିଆ ପ୍ରଧାନଙ୍କ ଆବାହକତ୍ୱରେ ଆରମ୍ଭ ହୋଇଥିବା ଧାରଣା କାର୍ଯ୍ୟକ୍ରମ ଅଞ୍ଚଳର ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ସଚେତନତା ନାଗରିକଙ୍କ ସମ୍ପୂର୍ଣ୍ଣ ସହଯୋଗ ରହିଛି। ଦାବି ସମୂହ ବହୁଦିନର ହେଲେ ମଧ୍ୟ ଖାଲି ମିଥ୍ୟା ପ୍ରତିଶ୍ରୁତି ଛଡ଼ା ଆଉ କିଛି ମିଳିନାହିଁ ଯାହା ଦ୍ୱାରା ବାଧହୋଇ ନାଗରିକ ମଞ୍ଚ ତରଫରୁ ଧାରଣା ଦିଆଯାଇଛି। ମୁଖ୍ୟତଃ ଶରଣକୁଳକୁ ବହୁ ଦିନର ଦାବି ଏନ୍ଏସି ଘୋଷଣା କରିବା ଯାହାକି ବାରମ୍ବାର ପ୍ରତିଶ୍ରୁତି ଦିଆଯାଇ ପୂରଣ ହୋଇପାରିନାହିଁ। ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୨ ଜଣ ଡାକ୍ତର ଆବଶ୍ୟକ ବେଳେ ଏଠାରେ କୌଣସି ବିଶେଷଜ୍ଞ ଡାକ୍ତର ନାହାନ୍ତି। ମାତ୍ର ୫ ଜଣ ଏମବିବିଏସ ଡାକ୍ତର ଥିବାରୁ ରୋଗୀ ସେବାରେ ଅସୁବିଧା ହେଉଥିବାରୁ ଆବଶ୍ୟକ ଡାକ୍ତରଙ୍କ ନିଯୁକ୍ତି କରିବା, ଶରଣକୁଳ ଅଞ୍ଚଳରେ ପ୍ରଚୁର ପନିପରିବା ଚାଷ ହେଉଥିବାରୁ ଏକ ଶୀତଳଭଣ୍ଡାର ନିର୍ମାଣ କରିବା, ଧାନ ମଣ୍ଡିରେ ୫/୬ କେଜି ଧାନ କଟ୍‌ନୀ ଛଟ୍‌ନୀକୁ ବନ୍ଦ କରି ଧାନର ମୂଲ୍ୟ ୩୨୦୦ ଟଙ୍କା ପ୍ରଦାନ ସହିତ ୧୨୦୦ ଟଙ୍କା ବୋନସ ପ୍ରଦାନ କରିବା ଦାବିଗୁଡ଼ିକ ଶୀଘ୍ର ପୂରଣ ନିମନ୍ତେ ଧାରଣା ଦିଆଯାଇଛି। ଶରଣକୁଳ ପୁଲିସ ଥାନା ସମ୍ମୁଖ ବାପୁଜୀ ସେବାସଂଘ ପରିସରରେ ଧାରଣାରେ ଋଷିଆ ପ୍ରଧାନ, କବିର ପ୍ରଧାନ, ଶତ୍ରୁଘ୍ନ ରାଉତ, ମନୋଜ ମହାପାତ୍ର, ଆଲୋକ ପ୍ରଧାନ, ରବୀନ୍ଦ୍ର କୁମାର ମିଶ୍ର, ଗୋପାଳକୃଷ୍ଣ ଆଜାଦ, ବୈକୁଣ୍ଠ ନାଥ ସିଠ, ସତ୍ୟବାଦୀ ମହାପାତ୍ର ପ୍ରଭୃତି ଧାରଣାରେ ବସିଛନ୍ତି। ଓଡ଼ଗାଁ ତହସିଲଦାର ମାନସ ରଞ୍ଜନ ଭୋଇ ଓ ଶରଣକୁଳ ଭାରପ୍ରାପ୍ତ ଅଧିକାରିଣୀ ପୁଷ୍ପଲତା ବେହେରା ଧାରଣାସ୍ଥଳରେ ପହଞ୍ଚି ଧାରଣା ସ୍ଥଗିତ ରଖିବାକୁ ଅନୁରୋଧ କରିଥିଲେ। ସମସ୍ତ ଦାବିଗୁଡ଼ିକୁ ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ଆଗରୁ ଦାବି ଓ ଧାରଣା ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରାଯାଇଛି। ଯଦି ଦାବିଗୁଡ଼ିକ ପୂରଣ ପାଇଁ କୌଣସି ପଦକ୍ଷେପ ନିଆ ନ ଯାଏ ତେବେ ଏହି ଧାରଣା ଜାରି ରହିବ ବୋଲି ଆଞ୍ଚଳିକ ନାଗରିକ ମଞ୍ଚ ପକ୍ଷରୁ କୁହାଯାଇଛି।

## ୫ ପଞ୍ଚାୟତରେ 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

# 'ବିକାଶ ପାଇଁ ବଦଳିଛି ଗାଁ ପରିବେଶ'




**ନୟାଗଡ଼, ୧୦।୨(ସମିସ)**

ନୟାଗଡ଼ ବ୍ଲକର ୫ଟି ପଞ୍ଚାୟତରେ ଆଜି 'ଆମ ଓଡ଼ିଶା, ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ଜିଲ୍ଲା ପରିଷଦ ସଦସ୍ୟ ସରୋଜ କୁମାର ରଣସିଂ, କ୍ଷୀରୋଦ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ନୟାଗଡ଼ ବ୍ଲକ ମାଛିପଡ଼ା, ନଡ଼ିଆଳି, ଖୁଣ୍ଟୁବନ୍ଧ, ଜେମାଦେଇପୁରପାଟଣା, କାଳିକାପ୍ରସାଦ ପଞ୍ଚାୟତରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନୟାଗଡ଼ ବିକାଶ ପ୍ରସଙ୍ଗରେ ବିଧାୟକ ଆଲୋଚନା କରିବା ସହ କଠିନ ପରିଶ୍ରମ ଯୋଗୁଁ ଏହା ସଫଳ ହେଉଛି ବୋଲି କହିଥିଲେ। ପ୍ରତ୍ୟେକ ପଞ୍ଚାୟତରେ ସରକାରଙ୍କ ଜନହିତକର ଯୋଜନା ଦ୍ୱାରା ଉପକୃତ ହେଉଥିବା ଲୋକ ଏବଂ ସେମାନଙ୍କ ସମ୍ପର୍କରେ ବିଧାୟକ ତଥ୍ୟ ଉପସ୍ଥାପନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ପାଇଁ ଏହା ସମ୍ଭବ ହୋଇ ପାରୁଛି ବୋଲି କହିଥିଲେ। ପ୍ରତ୍ୟେକ ବର୍ଗର ବ୍ୟକ୍ତି ସୁଖ ସ୍ୱାଚ୍ଛନ୍ଦ୍ୟରେ ଜୀବନ ଅତିବାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଅନେକ ଯୋଜନା ପ୍ରଣୟନ କରୁଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଗରିବଙ୍କ ପାଇଁ ସଞ୍ଜୀବନୀ ସଦୃଶ କାର୍ଯ୍ୟ କରୁଛି। ଲକ୍ଷ୍ମୀ ବସ୍ ସେବା ଜନସାଧାରଣଙ୍କୁ କମ ମୂଲ୍ୟରେ ଯାତାୟାତ ସୁବିଧା ଯୋଗାଇ ଦେବ ବୋଲି ବିଧାୟକ କହିଛନ୍ତି। 'ଆମ ଓଡ଼ିଶା, ନବୀନ ଓଡ଼ିଶା' ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳର ଅଭୂତପୂର୍ବ ବିକାଶ ହୋଇ ପାରିବ ବୋଲି ବିଧାୟକ କହିଥିଲେ। ଗାଁର ପରିବେଶ ବଦଳିବା ଗାଁରେ ସହର ଭଳି ସୁବିଧା ମିଳି ପାରୁଛି। ମାଛିପଡ଼ା ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବିଜୟ ଲକ୍ଷ୍ମୀ ସାହୁ, ସମିତିସଭ୍ୟା ସୁକେଶିନୀ ଜେନା ପରିଚାଳନା କରିଥିଲେ। ସେହିଭଳି ଭାବେ ନଡ଼ିଆଳି ପଞ୍ଚାୟତରେ ସରପଞ୍ଚ ପୂଜାଶ୍ରୀ ବରାଡ଼, ସମିତିସଭ୍ୟା ସୀମା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଖୁଣ୍ଟୁବନ୍ଧ ପଞ୍ଚାୟତରେ ସୁକାନ୍ତି ବିଶ୍ୱାଳ, ସମିତିସଭ୍ୟ ଶୁଭେନ୍ଦୁ ମହାନ୍ତିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜେମାଦେଇପୁରପାଟଣା ପଞ୍ଚାୟତରେ ସରପଞ୍ଚ ସଦାଶିବ ନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିବା ବେଳେ କାଳିକାପ୍ରସାଦ ପଞ୍ଚାୟତରେ ଗୀତାଞ୍ଜଳି ମହାପାତ୍ର, ସମିତିସଭ୍ୟା ସୁଚିସ୍ମିତା ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଖଣ୍ଡପଡ଼ା:** ଖଣ୍ଡପଡ଼ା ବ୍ଲକ ଅଧୀନ ବୋଦଶାରେ 'ଆମ ଓଡ଼ିଶା, ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାବା ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ସରପଞ୍ଚ ପୁଷ୍ପାଞ୍ଜଳି ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ 'ଆମ ଓଡ଼ିଶା, ନବୀନ ଓଡ଼ିଶା' ବାବଦରେ ସଚେତନ କରିଥିଲେ। ବ୍ଲକ ଅଧ୍ୟକ୍ଷା ଉପମା ବେହେରା ଯୋଗଦେଇ ରାଜ୍ୟ ସରକାରଙ୍କ ଯୋଗୁଁ ମହିଳାମାନେ କିପରି ସ୍ୱାବଲମ୍ବୀ ହୋଇ ପାରିଛନ୍ତି ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ମିନତୀ ସାହୁ, ସମିତିସଭ୍ୟା ସୁଜାତା ବସ୍ତି, ମନୋରଞ୍ଜନ ବେହେରା, ନାଏବ ସରପଞ୍ଚ ଆନନ୍ଦ ଚନ୍ଦ୍ର ଖୁଣ୍ଟିଆ ପ୍ରମୁଖ ମଞ୍ଚାସୀନ ଥିଲେ। ଶିଖରପୁର ପୂର୍ବତନ ସରପଞ୍ଚ ବିଜୟ କୁମାର ତ୍ରିପାଠୀ ମଞ୍ଚ ସଂଯୋଜନା କରିଥିଲେ। '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଖଣ୍ଡପଡ଼ା ଗସ୍ତରେ ଆସି ଘୋଷଣା କରିଥିବା ୫୦ ଲକ୍ଷ ଟଙ୍କା ଏବେ ପଞ୍ଚାୟତରେ ୧୬ଟି ପ୍ରକଳ୍ପର ବିକାଶମୂଳକ କାର୍ଯ୍ୟ ଜାରି ରହିଥିବା ଅତିଥିମାନେ ସୂଚନା ଦେଇଥିଲେ। କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରାଯାଇଥିଲା। ହୃଷିକେଶ ରାଉତ ଓ ମାନସ କୁମାର ବସ୍ତିଙ୍କ ସହଯୋଗ କ୍ରମେ କାର୍ଯ୍ୟକ୍ରମ ସଫଳ ହୋଇଥିଲା।




**ଭାପୁର:** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ କରବର ଓ ଶାଶନ ପଞ୍ଚାୟତରେ 'ଆମ ଓଡ଼ିଶା, ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କରବର ହାଇସ୍କୁଲ ଖେଳପଡ଼ିଆରେ ଏହି କାର୍ଯ୍ୟକ୍ରମରେ ଦୁଇ ହଜାର ଜନସାଧାରଣଙ୍କ ସମାଗମ ହୋଇଥିଲା। ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ପଞ୍ଚାୟତ ସମିତି ସଭ୍ୟ ତପନ କୁମାର ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ, ଶିବ ପ୍ରସାଦ ଷଡ଼ଙ୍ଗୀ, ସରପଞ୍ଚ ଉଷାରାଣୀ ସାହୁ, ବାଉଁଶବାଟୀ ପଞ୍ଚାୟତ ସମିତି ସଭ୍ୟ ପ୍ରତିନିଧି ଅଖିଳ କୁମାର ସେଠ, ସମାଜସେବୀ ସନ୍ତୋଷ କୁମାର ତ୍ରିପାଠୀ, ପୂର୍ବତନ ସମିତି ସଭ୍ୟ କହ୍ନେଇ ସ୍ୱାଇଁ ଉପସ୍ଥିତ ଥିଲେ।

ସେହିପରି ଶାଶନ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମକୁ ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଉଦ୍‌ଘାଟନ କରିଥିଲା ବେଳେ ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ଧଳ, ବିଜେଡି ବ୍ଲକ ସଭାପତି ଶିବ ପ୍ରସାଦ ଷଡ଼ଙ୍ଗୀ, ସମାଜସେବୀ ସନ୍ତୋଷ କୁମାର ତ୍ରିପାଠୀ, ସରପଞ୍ଚ ପ୍ରଫୁଲ୍ଲ କୁମାର ଗୋଛି, ସମିତି ସଭ୍ୟ କାହ୍ନୁଚରଣ ପ୍ରଧାନ, ପୂର୍ବତନ ସରପଞ୍ଚ ସନାତନ ଗୋଛି, ପୂର୍ବତନ ସମିତି ସଭ୍ୟଙ୍କ ପ୍ରତିନିଧି ଶ୍ରୀନିବାସ ପୃଷ୍ଟି, ସମାଜସେବୀ ପଠାଣୀ ପଟ୍ଟନାୟକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରାଧାରମଣ ଦଳବେହେରା ଉପସ୍ଥିତ ରହି ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା'ରେ କିପରି ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି ସେ ନେଇ ଜନସାଧାରଣଙ୍କୁ ସଚେତନ କରିଥିଲେ।



# ଖଳିସାହି କ୍ରିକେଟ୍ କପ୍: ଫାଇନାଲ୍‌ରେ ବାଙ୍କି ପାୱାର କିଙ୍ଗ୍



**ଖଣ୍ଡପଡ଼ା, ୧୦।୨(ସମିସ):** ଖଣ୍ଡପଡ଼ା ବ୍ଲକ ଖଳିସାହି ବଡ଼ ପଡ଼ିଆରେ ଅନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପ୍ରଥମ ସେମିଫାଇନାଲରେ ବାଙ୍କି ପାୱାର କିଙ୍ଗ କ୍ରିକେଟ କ୍ଲବ ବିଜୟୀ ହୋଇଛି। ଖଳିସାହି ୟୁନାଇଟେଡ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଆୟୋଜିତ ହୋଇଥିବା ଏହି ମ୍ୟାଚରେ ବାଙ୍କି ପାୱାର କିଙ୍ଗ କ୍ରିକେଟ କ୍ଲବ ୧୮୫ ରନରେ ଆଠଗଡ଼ ମ୍ୟାଜେଷ୍ଟିକ କ୍ରିକେଟ କ୍ଲବକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଟସ ଜିତି ବାଙ୍କି ଦଳ ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ ହରାଇ ୩୪୮ ରନ ସଂଗ୍ରହ କରିଥିଲା। ଜବାବରେ ଆଠଗଡ଼ ମ୍ୟାଜେଷ୍ଟିକ ୧୮ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୧୬୩ ରନ ସଂଗ୍ରହ କରିବା ସହିତ ପରାଜୟ ବରଣ କରିଥିଲା। ବିଜୟୀ ବାଙ୍କି ଦଳର ଦିଲ୍ଲୀପ ରାଉତ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଚତୁର୍ଥ ଦିବସରେ ମୁଖ୍ୟଅତିଥି ଭାବେ ଖଳିସାହିର ବିଶିଷ୍ଟ ବ୍ୟବସାୟୀ ବିଜୟ କୁମାର ପୃଷ୍ଟି ଏବଂ ସମ୍ମାନିତ ଅତିଥି ଭାବେ ବ୍ରଜ ମୋହନ ସୁବୁଦ୍ଧି ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆଜିର ଖେଳକୁ ଅଜୟ ସାହୁ ଏବଂ ଉଦୟ ନାଥ ଦାସ ପରିଚାଳନା କରିଥିବା ବେଳେ ଶିକ୍ଷକ ଗୌରାଙ୍ଗ ଚରଣ ସେଠୀ ସ୍କୋର ବୋର୍ଡ ଦାୟିତ୍ୱ ତୁଲାଇଥିଲେ। ଶ୍ରୀନିବାସ ଦଳେଇ ଓ କଳ୍ପତରୁ ପଟ୍ଟନାୟକ ଭାଷ୍ୟକାର ଦାୟିତ୍ୱ ନିଭାଇଥିଲେ। ରବିବାର ଦ୍ୱିତୀୟ ସେମିଫାଇନାଲରେ ଢେଙ୍କାନାଳ ଏବଂ କଟକ ରାକା କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କ୍ଲବ ସଭାପତି ଶରତ କୁମାର ସାହୁଙ୍କଠାରୁ ସୂଚନା ମିଳିଛି।

## ■ ମାନବିକତାର ପରିଚୟ ଦେଲେ ଛାତ୍ର

# ପାଇଥିବା ଟଙ୍କା ଓ ଏଟିଏମ୍ କାର୍ଡ ପୁଲିସ ଜିମାଦେଲେ

**ବେଗୁନିଆ, ୧୦।୨(ସମିସ):** ସମ୍ପ୍ରତି ସମାଜରେ ଯୁବପିଢ଼ି ଓ ଛାତ୍ରମାନେ ଅନ୍ୟାୟ ଅନୀତିକୁ ଆପଣେଇ ଦିନକୁ ଦିନ ନିଜର ସ୍ୱାର୍ଥ ହାସଲ କରି ଅର୍ଥକୁ ହାସଲ କରିବା ପାଇଁ ବ୍ୟସ୍ତ ରହିଥିବାବେଳେ କିଛି ଯୁବକ ପରିବାରର ସଂସ୍କାରରେ ପରିମାର୍ଜିତ ହୋଇ ପାଇଥିବା ଅର୍ଥକୁ ଫେରାଇ ଦେବା ଘଟଣା ସମସ୍ତଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି। ଏବେ ବି ମଣିଷ ପଣିଆ ବଞ୍ଚିଛି ବୋଲି ସାଧାରଣରେ ଆଲୋଚନା ହେଉଛି। ବାଘମାରୀ ଥାନା ଅଧିକାରୀ ଶମ୍ଭୁନାଥ ନାୟକଙ୍କ ସୂଚନା ଅନୁଯାୟୀ, ଶରତ ଚନ୍ଦ୍ର ପଣ୍ଡା ନାମକ ଜଣେ ବ୍ୟକ୍ତିଙ୍କ ଗୋଟିଏ ଏଟିଏମ୍ କାର୍ଡ ସହ ୧୧୭୫ ଟଙ୍କା ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ଅନ୍ତର୍ଗତ ତରତୁଆ ଛକ ଠାରୁ ବାଘମାରୀ ଥାନା ମଧ୍ୟରେ ବିଭିନ୍ନ ସ୍ଥାନରେ ଖସି ପଡ଼ିଥିଲା। ସେହି ସମୟରେ ୩ ବନ୍ଧୁ ବାଙ୍କୀ ଅଞ୍ଚଳର ଆଶୁତୋଷ ଶତପଥୀ, ମନୋଜ ରାଉତ ଓ ଖଣ୍ଡପଡ଼ା ଅଞ୍ଚଳର ଆନନ୍ଦ ଚନ୍ଦ୍ର ପ୍ରଧାନ ନଗଦ ଟଙ୍କା ଓ ଏଟିଏମ କାର୍ଡକୁ ପୁଲିସ ଜିମା ଦେଇଥିଲେ। ଏହି ଘଟଣାରେ ବାଘମାରୀ ଥାନା ଉପନିରୀକ୍ଷକ ଚନ୍ଦନ କୁମାର ଦାସ ଘଟଣାର ପ୍ରାଥମିକ ଅନୁଧ୍ୟାନ କରିଛନ୍ତି। ଅନ୍ୟପକ୍ଷରେ ସଚେତନ ନାଗରିକମାନେ ଛାତ୍ରମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।



## ■ ଶ୍ରୀ ଶ୍ରୀ ପତିତପାବନ ଦେବଙ୍କ ଦ୍ୱିତୀୟ ଜନ୍ମଉତ୍ସବ

# ପୁରୀରୁ ଜ୍ୟୋତି ଓ ପଦଯାତ୍ରାରେ ବିରାଟ ଶଗଡ଼ଯାତ୍ରା





**ନିରାକାରପୁର, ୧୦।୨(ସମିସ):** ବଡ଼ପୋଖରିଆ ଶ୍ରୀ ଶ୍ରୀ ପତିତପାବନ ଦେବଙ୍କ ଦ୍ୱିତୀୟ ବାର୍ଷିକ ଜନ୍ମ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ୧୧ ତାରିଖରୁ ଆରମ୍ଭ ହୋଇ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଆଜି ଏହି ଅବସରରେ ଗ୍ରାମବାସୀଙ୍କ ସହଯୋଗରେ ସିରୁଳି ମହାବୀର ପୁରୀଠାରୁ ଜ୍ୟୋତି ଓ ପଦଯାତ୍ରା ମହାସମାରୋହରେ ବଡ଼ପୋଖରୀଆରେ ପହଞ୍ଚିଛି। ଏହି ଶୋଭାଯାତ୍ରାରେ ବହୁ ସଂଖ୍ୟାରେ ଶଗଡ଼ ଗାଡ଼ି ଓ ଶ୍ରୀଜଗନ୍ନାଥଙ୍କ ସୁସଜ୍ଜିତ ପ୍ରତିମୂର୍ତ୍ତି ଯାଉଥିବାର ଦୃଶ୍ୟ ଅତି ମନୋରମ ଥିଲା। ଶହ ଶହ ଭକ୍ତଙ୍କ ହରିବୋଲ, ହୁଳହୁଳି ଶବ୍ଦରେ ପ୍ରକମ୍ପିତ ହୋଇଥିଲା ଜଗନ୍ନାଥ ସଡ଼କ। ଏହି କାର୍ଯ୍ୟକ୍ରମରେ ରବିବାର ଦାରୁ ଉଦ୍‌ଯାପନ, ଛାତ୍ରପଡ଼ାରୁ ଆଜ୍ଞାମାଳ ବିଜେ, ଶୁଭ ଅଧିବାସ ଓ ଅଙ୍କୁରାରୋପଣ ଅନୁଷ୍ଠିତ ହେବ। ପରେ ଦୈନନ୍ଦିନ ହୋମ, ଯଜ୍ଞ, ପୂଜାର୍ଚ୍ଚନା ଚାଲିବ ସହିତ ୧୬ ତାରିଖରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ।

## ଜଳସେଚନ ସମସ୍ୟାକୁ ନେଇ ଚିନ୍ତାରେ ଚାଷୀ

# ମଲାଗୁଣି ନଦୀରେ ଚେକ୍‌ଡ୍ୟାମ୍ ନିର୍ମାଣ ଦାବି

**ଖୋର୍ଦ୍ଧା, ୧୦।୨(ସମିସ)**

ଗୋଳବାଇଶାସନ ମୌଜାର ମରୁଡ଼ିଗ୍ରସ୍ତ ଚାଷ ଜମିଗୁଡ଼ିକୁ ଜଳସେଚନ କରିବା ପାଇଁ ପଞ୍ଚାୟତ ନିକଟରେ ଥିବା ମଲାଗୁଣି ନଦୀରେ ଏକ ଚେକ୍‌ଡ୍ୟାମ୍ ନିର୍ମାଣ ନିମନ୍ତେ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ଖୋର୍ଦ୍ଧା ବ୍ଲକ ଅଧୀନସ୍ଥ ଗୋଳବାଇଶାସନ ମୌଜା, ଇଚ୍ଛାପୁର ମୌଜା, ଇଛବାନ ମୌଜା ଓ ଷଣ୍ଢପୁର ମୌଜା ପ୍ରଭୃତି ୫ରୁ ୬ଟି ମୌଜାର ମରୁଡ଼ିଗ୍ରସ୍ତ ଚାଷ ଜମିଗୁଡ଼ିକୁ ମରୁଡ଼ିରୁ ରକ୍ଷା କରିବା ନିମନ୍ତେ ମଲାଗୁଣି ନଦୀରେ ଏକ ଚେକ୍‌ଡ୍ୟାମ୍ ନିର୍ମାଣ ଲାଗି ଚାଷୀମାନେ ଦୀର୍ଘଦିନରୁ ଦାବି କରିଆସୁଛନ୍ତି। ଏନେଇ ଅଞ୍ଚଳବାସୀଙ୍କ ତରଫରୁ ବହୁ ଚାଷୀ ଖୋର୍ଦ୍ଧା କ୍ଷୁଦ୍ର ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଅବଗତ କରାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହାର କୌଣସି ସୁଫଳ ମିଳିପାରିନାହିଁ। ନଦୀ ପାଣି ନଦୀରେ ବହିଯାଉଛି ଅଥଚ ସମ୍ପୂର୍ଣ୍ଣ ବର୍ଷାପାଣି ଉପରେ ନିର୍ଭର କରୁଥିବା ଚାଷ ଜମିଗୁଡ଼ିକର ଫସଲ ବର୍ଷା ଅଭାବରୁ ମରିଯାଉଛି। ଯାହାଫଳରେ ଚାଷୀମାନେ ହତାଶ ହୋଇପଡ଼ିବା ସହିତ ଚାଷ ଜମିଗୁଡ଼ିକ ପଡ଼ିଆ ପଡୁଛି। ତେଣୁ ଗୋଳବାଇଶାସନ ପଞ୍ଚାୟତ ସନ୍ନିକଟରେ ବାଣିଆବାଙ୍କଠାରେ ମଲାଗୁଣି ନଦୀରେ ଏକ ଚେକ୍‌ଡ୍ୟାମ୍ ନିର୍ମାଣ କରିବା ପାଇଁ ଜିଲ୍ଲାପାଳଙ୍କ ନିକଟରେ ଗ୍ରାମବାସୀ ଦାବି କରିଛନ୍ତି।



# କୁହୁଡ଼ି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚୋରି ଉଦ୍ୟମ

**କୁହୁଡ଼ି, ୧୦।୨(ସମିସ):** କୁହୁଡ଼ି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଜି କିଛି ଦୁର୍ବୃତ୍ତମାନେ ମେଡିସିନ ଷ୍ଟୋରରୁମର ଉଭୟ ପଟୁ ତାଲା ଭାଙ୍ଗିବା ସହିତ ମେଡିକାଲ ସରଞ୍ଜାମ ଫୋପଡ଼ା ଫିଙ୍ଗା କରିଥିଲେ। ସୂଚନା ଅନୁସାରେ ପୂର୍ବରୁ ଡାକ୍ତରଖାନାର ପରିସରରେ ନିଶାଖୋର, ଜୁଆଖେଳ, ମଦ ବେପାରୀ ଓ ବ୍ରାଉନ ସୁଗାରମାନଙ୍କର ଆଡ୍ଡାସ୍ଥଳୀ ଥିଲା। ଜିଲ୍ଲାପରିଷଦ ବିଜୟ କୁମାର ଜେନା, କୁହୁଡ଼ି ପୂର୍ବତନ ସରପଞ୍ଚ ଜୟଦେବ ବେହେରା ଓ ରତନପୁର ସରପଞ୍ଚ ଗୁରୁବନ୍ଧୁ ବେହେରାଙ୍କ ଉପସ୍ଥିତିରେ ଡାକ୍ତରଖାନା ପରିସରକୁ ସଫାସୁତୁରା କରିବା ସହିତ ସୌନ୍ଦର୍ଯ୍ୟକରଣ କରାଯାଇଥିଲା। ତେବେ ଆଜି ସକାଳେ ଡାକ୍ତରଖାନାର ତଥା ଡାକ୍ତର ରହିବା ଘର ତାଲା ଭାଙ୍ଗି ଦିଆଯାଇଥିଲା। ଘଟଣାସ୍ଥଳରେ କୁହୁଡ଼ି ଫାଣ୍ଡି ଅଧିକାରୀ ଉପସ୍ଥିତ ରହି ତଦାରଖ କରିଛନ୍ତି।



# ସମବାୟବିତ୍ ଅଜୟ ମହାନ୍ତିଙ୍କ ପରଲୋକ

**ଭୂଷଣ୍ଡପୁର, ୧୦।୨(ସମିସ):** ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ଜଣେ ଦୃଢ଼ ରାଜନୈତିକ ସଂଗଠକ, ଛଣଗିରିର ପୂର୍ବତନ ସରପଞ୍ଚ ତଥା ସମବାୟବିତ୍ ଅଜୟ ମହାନ୍ତିଙ୍କ ଗତକାଲି ରାତିରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ଖୋର୍ଦ୍ଧା ଜିଲ୍ଲା ବିଜୁ ଜନତା ଦଳର ଉପସଭାପତି ବିରଞ୍ଚି ନାରାୟଣ ପ୍ରଧାନ ଗଭୀର ଶୋକ ପ୍ରକାଶ କରିଛନ୍ତି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

# ମଦ ଜବତ; ୩ ଗିରଫ

**ବେଗୁନିଆ, ୧୦।୨(ସମିସ):** ବେଗୁନିଆ ଅବକାରୀ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଦେଶୀ ଓ ବିଦେଶୀ ମଦ ଜବତ କରିବା ସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସୂଚନା ମୁତାବକ, ଅବକାରୀ ଥାନା ଅନ୍ତର୍ଗତ ଗୋଡ଼ିପାଟଣା ଗ୍ରାମର ବିଜୟ କୁମାର ସାହୁଙ୍କ ଠାରୁ ବିଦେଶୀ ମଦ ୭ ଲିଟର ୫୦୦, ରଙ୍କ ଦଳେଇଙ୍କ ଠାରୁ ୨୦ ଲିଟର ଦେଶୀ ମଦ ଓ ନାରାୟଣୀପଡ଼ା ଗ୍ରାମର ପ୍ରଦୀପ ନାୟକଙ୍କ ୨୨ ଲିଟର ଦେଶୀ ମଦ ଜବତ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେହିପରି ବେଗୁନିଆ ଥାନା ପୁଲିସ ଡିଙ୍ଗର ଗ୍ରାମର ମାନସ କୁମାର ଗୁରୁଙ୍କଠାରୁ ୧୭ ଲିଟର ଦେଶୀମଦ ଓ କୋଠଲାଙ୍ଗ ଗ୍ରାମର ବିଜୟ କୁମାର ପାଇକରାୟଙ୍କଠାରୁ ୧୫ ଲିଟର ବିଦେଶୀ ମଦ ଜବତ କରିଛି।

# ୨ ପଥର ବୋଝେଇ ଗାଡ଼ି ଜବତ

**ନିରାକାରପୁର, ୧୦।୨(ସମିସ):** ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅନ୍ତର୍ଗତ କଞ୍ଚିଲୋ ରେଳ ଫାଟକ ନିକଟରେ ଜଙ୍କିଆ ପୁଲିସ ଚଢ଼ଉ କରି ଦୁଇଟି ପଥର ବୋଝେଇ ଗାଡ଼ି ଜବତ କରିଛି। ପୁଲିସ ପାଟ୍ରୋଲିଂ କରୁଥିବାବେଳେ ଆଜି ସନ୍ଧ୍ୟାରେ ଦୁଇଟି ପଥର ବୋଝେଇ ଟ୍ରକ୍ ଜବତ କରିଥିଲା ବେଳେ ଡ୍ରାଇଭର ଫେରାର ହୋଇଯାଇଥିଲେ। ପୁଲିସ ଗାଡ଼ି ଦୁଇଟିକୁ ଜବତ କରି ଦୁଇଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଡିଜେ ଗାଡ଼ି ଲାଗି ଭାଙ୍ଗିଲା ବିଦ୍ୟୁତ୍ ଖୁଣ୍ଟ

ନିରାକାରପୁର, ୧୦।୨(ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ମଙ୍ଗଳା ବଜାର ରାସ୍ତାରେ ଏକ ଡିଜେ ଗାଡ଼ି ଲାଗି ୧୧ କେଭି ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଯାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ କି ଗୋଟିଏ ଶୋଭାଯାତ୍ରା ପାଇଁ ଡିଜେ ଗାଡ଼ି ପାଣ୍ଡବପାଟଣା ଛକ ଆଡ଼କୁ ଅପରାହ୍ଣ ୫ଟା ବେଳେ ଯାଉଥିବାବେଳେ ମଙ୍ଗଳା ବଜାର ଶେଷ ଭାଗରେ ବିଦ୍ୟୁତ୍ ତାରରେ ଡିଜେ ଗାଡ଼ି ଲାଗିଯାଇଥିଲା। ଫଳରେ ତାର ଭିଡ଼ି ହୋଇ ଖୁଣ୍ଟ ଭାଙ୍ଗି ଯାଇଥିଲା। ପରେ ଦୀର୍ଘ ସମୟ ଧରି ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ରହିଥିଲା।

# ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ବେଗୁନିଆ, ୧୦।୨( ସମିସ):** ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ କୋଲୁହାପାଟଣା ଗ୍ରାମରେ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଏଥିରେ କଡବ ଇଲେଭେନ ଷ୍ଟାର କ୍ଲବ ଓ ଭୁବନେଶ୍ୱର ମହାବୀର କ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିବାବେଳେ ସ୍ଥାନୀୟ ସରପଞ୍ଚ ଅସିତ କୁମାର ତ୍ରିପାଠୀ, ବେଗୁନିଆ ସମିତିସଭ୍ୟ ପ୍ରକାଶ ଚନ୍ଦ୍ର ବଳିୟାରସିଂହ, ରାଜସ୍ୱ ନିରୀକ୍ଷକଙ୍କ ତଦାରଖକାରୀ ଜୟଦେବ ନାୟକ, ପ୍ରଧାନ ଶିକ୍ଷକ ବସନ୍ତ କୁମାର ବେହେରା ଓ ଶିକ୍ଷାବିତ୍ ଦୀନବନ୍ଧୁ ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ପର୍ଯ୍ୟାୟ ସୁଦ୍ଧା କୌଣସି ଦଳ ଗୋଲ ଦେଇନଥିବାବେଳେ ଶେଷ ପର୍ଯ୍ୟାୟରେ ଭୁବନେଶ୍ୱର ମହାବୀର କ୍ଲବ ୧-୦ ଗୋଲ ଦେଇ ପ୍ରଥମ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଖେଳକୁ ରେଫରୀ ଏମଏସ ବେକ ପରିଚାଳନା କରିଥିବାବେଳେ ପ୍ରକାଶ ନାୟକ ଓ ମିଥୁନ ନାୟକ ଲାଇନମ୍ୟାନ ଭାବେ ସହଯୋଗ କରିଥିଲେ।

# ବରସାହି କ୍ଷେତ୍ର ପରିଦର୍ଶନ କଲେ କୃଷି ବିଭାଗ ଟିମ୍



**ଖୋର୍ଦ୍ଧା, ୧୦।୨(ସମିସ):** ରାଜ୍ୟ କୃଷି ବିଭାଗର ସମଗ୍ର ଟିମ୍ ଖୋର୍ଦ୍ଧା ବ୍ଲକ ଅଧୀନ ବରସାହି ପଞ୍ଚାୟତରେ କରାଯାଇଥିବା ମୁଗ, ବିରି, ସୋରିଷ, ଚିନାବାଦାମ କ୍ଷେତ୍ର ପରିଦର୍ଶନ କରିଥିଲେ। ସମଗ୍ର ଟିମ୍‌ର ନିକିତା ଅଗ୍ରୱାଲ ସେଠାରେ ପହଞ୍ଚି ଉପସ୍ଥିତ ଚାଷୀଙ୍କ ସହିତ କୃଷକ ଓଡ଼ିଶା ଓ ଆମ କୃଷି ସମ୍ବନ୍ଧରେ ଆଲୋଚନା କରିବା ପରେ ଜୈବିକ ପଦ୍ଧତି ସାର ସୁପରିଚାଳନା, ରୋଗପୋକରୁ କିଭଳି ଏହି ଫସଲକୁ ନିୟନ୍ତ୍ରଣ କରାଯାଇପାରିବ ସେ ନେଇ ପ୍ରଶିକ୍ଷଣ ଦେଇଥିଲେ। ଏହି କ୍ଷେତ୍ର ପରିଦର୍ଶନରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ନିର୍ଦ୍ଦେଶରେ ଖୋର୍ଦ୍ଧା ବ୍ଲକ କୃଷି ଅଧିକାରିଣୀ ଦେବସ୍ମିତା ମିଶ୍ର, ସହକାରୀ କୃଷି ଅଧିକାରିଣୀ ବିନୋଦିନୀ ଦେଇ, ସୁଶ୍ରୀ ସରୋଜିନୀଙ୍କ ସହିତ କୃଷକ ସାଥୀ ବିଶ୍ୱନାଥ ସାହୁ, ଅର୍ଚ୍ଚନା ପ୍ରିୟଦର୍ଶିନୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଧାନ ଶିକ୍ଷକଙ୍କ ମାସିକ ବୈଠକ

**ଟାଙ୍ଗୀ/ନିରାକାରପୁର, ୧୦।୨(ସମିସ):** ଛଣଗିରି ଉଚ୍ଚ ବିଦ୍ୟାଳୟଠାରେ ଟାଙ୍ଗୀ ବ୍ଲକସ୍ତରୀୟ ପଞ୍ଚମ ମାସିକ ପ୍ରଧାନ ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ସାହୁ ବୈଠକକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ମଞ୍ଜରୀ ଦେବୀ, ଡମଣଭୂଇ ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁମନ୍ତ କୁମାର ଦାସ, ବଳରାମ ଦେବ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ବିଶ୍ୱଜିତ ପଲାଇ, ନିରାକାରପୁର କ୍ଷେତ୍ରବାସୀ ଏକାଡେମୀ ପ୍ରଧାନ ଶିକ୍ଷୟିତ୍ରୀ ସ୍ନିଗ୍ଧା ଛୋଟରାୟ, କୁହୁଡ଼ି ଜନତା ହାଇସ୍କୁଲ ପ୍ରଧାନ ଶିକ୍ଷକ ଅର୍ଜୁନ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। ବଡ଼ପାରୀ ହାଇସ୍କୁଲ ପ୍ରଧାନ ଶିକ୍ଷକ ଭଞ୍ଜ କିଶୋର ସାହୁ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଶେଷରେ ସମସ୍ତ ପ୍ରଧାନ ଶିକ୍ଷକ ଆୟୋଜକ ବିଦ୍ୟାଳୟର ପରିବେଶ, ସ୍ମାର୍ଟ ଶ୍ରେଣୀ ଗୃହ, ଇ-ଲାଇବ୍ରେରୀ ପରିଦର୍ଶନ କରିଥିଲେ। ବୈଠକରେ ବ୍ଲକ ଅନ୍ତର୍ଗତ ୨୬ଟି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଛଣଗିରି ଉଚ୍ଚ ବିଦ୍ୟାଳୟର ଆଲୁମିନି କମିଟି ସଭାପତି ଲଳିତ କୁମାରୀ ପଟ୍ଟନାୟକ ପରିଚାଳନାରେ ସହଯୋଗ କରିଥିଲେ।



# ମା' ଭଗବତୀ ହେଲ୍ପ ଫାଉଣ୍ଡେସନ୍‌ର ବାର୍ଷିକ ଉତ୍ସବ




**ବାଣପୁର, ୧୦।୨(ସମିସ) :** ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ନାମରେ ନାମିତ ଜୟ ମା' ଭଗବତୀ ହେଲ୍ପ ଫାଉଣ୍ଡେସନ ଓ ନାରୀ ସଶକ୍ତୀକରଣ ଓଡ଼ିଶା ଅନୁଷ୍ଠାନର ଚତୁର୍ଥ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠାନର ଚେୟାରମ୍ୟାନ ପାୟଲ ପ୍ରିୟଦର୍ଶିନୀ ନାୟକ ମା' ଭଗବତୀଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ଦୀର୍ଘ ଚାରି ବର୍ଷ ହେବ ଅନୁଷ୍ଠାନ ତରଫରୁ ପାୟଲ ମାନବ ସେବା ହିଁ ମାଧବ ସେବାକୁ ପାଥେୟ କରି ନିଷ୍ଠାପର ସହକାରେ ଗରିବ ଅସହାୟମାନଙ୍କୁ ସହଯୋଗର ହାତ ବଢ଼ାଇ ଆସୁଥିବା ସହ ଆଗକୁ ନିଜର ଏହି ସେବା କାର୍ଯ୍ୟ ଜାରି ରଖିବେ ବୋଲି ପାୟଲ କହିଛନ୍ତି।

# ଶ୍ରୀରଙ୍ଗନାଥଦେବଙ୍କ ପଦ୍ମବେଶ

**ବାଲୁଗାଁ, ୧୦।୨(ସମିସ):** ବାଣପୁରସ୍ଥିତ ଶ୍ରୀ ରଙ୍ଗନାଥ ଦେବଙ୍କ ପଦ୍ମ ବେଶ ଅନୁଷ୍ଠିତ ହୋଇଛି। ମହାପ୍ରଭୁଙ୍କର ଏହି ମନଲୋଭା ବେଶ ଦର୍ଶନ ନିମନ୍ତେ ଆଖପାଖ ଅଞ୍ଚଳରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା। ସେବାୟତ ସୋମନାଥ ହୋତା ଶନିବାର ଠାକୁରଙ୍କୁ ପଦ୍ମମୁଖ ବେଶରେ ସୁସଜ୍ଜିତ କରିଥିବା ବେଳେ ମନ୍ଦିର ପରିଚାଳନା କମିଟିର ସଦସ୍ୟ ଦେବଦତ୍ତ ପାଣି, ପଦ୍ମଚରଣ ମହାପାତ୍ର, ଦାସରଥୀ ସାହୁ ଓ ବାଳମୁକୁନ୍ଦ ଦାସ ପ୍ରମୁଖ ଉପସ୍ଥିତ ରହି ଏହାର ପରିଚାଳନା କରିଥିଲେ।



# ସମାଜସେବୀ ସଞ୍ଜୟଙ୍କୁ ମିଳିଲା ଡକ୍ଟରେଟ୍ ଡିଗ୍ରୀ




**ଖୋର୍ଦ୍ଧା, ୧୦।୨(ସମିସ):** ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଯୁବ ସମାଜସେବୀ ସଞ୍ଜୟ ପଟ୍ଟନାୟକଙ୍କୁ ଆଜି ନୂଆଦିଲ୍ଲୀଠାରେ ଆମେରିକାନ ଆଲାଏନ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ଚଳିତବର୍ଷ ସମ୍ମାନଜନକ ଡକ୍ଟରେଟ ଡିଗ୍ରୀ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଏସିଆ ମହାଦେଶ ଓ ଆଫ୍ରିକା ମହାଦେଶ ପାଇଁ ପ୍ରତିନିଧି ଡକ୍ଟର ଗିରୀଶ ଲଲୱାନି, ସ୍କଲାରସିପ୍ ଡଟକମର ଅଧ୍ୟକ୍ଷ ମିଷ୍ଟର ରାହୁଲ, ଡିଏମଏଚ ବିଜେନେସ ଆଡଭାଇଜର୍ସ ପ୍ରାଇଭେଟ ଲିଃର ନିର୍ଦ୍ଦେଶକ ଇଗନାଲ ହିଣ୍ଡ୍ରିକ ପ୍ରମୁଖ ଅତିଥିଭାବେ ଯୋଗଦେଇ ଶ୍ରୀ ପଟ୍ଟନାୟକଙ୍କୁ ଡକ୍ଟରେଟ ଉପାଧି ପ୍ରଦାନ କରିଥିଲେ।

## ■ ଶୁଣିଲାନି ପ୍ରଶାସନ

# ନାଳ ସଫେଇ କଲେ ସ୍ୱେଚ୍ଛାସେବୀ



**ଭୂଷଣ୍ଡପୁର, ୧୦।୨(ସମିସ):** ଟାଙ୍ଗୀ ବ୍ଲକର ଭୂଷଣ୍ଡପୁର ଓ ବାଲିପାଟପୁର କେନ୍ଦ୍ରସ୍ଥଳ ଦୋଳପଡ଼ିଆ ଦେଇ ପୂର୍ତ୍ତ ବିଭାଗ ରାସ୍ତାଠାରୁ ଗ୍ରାମ୍ୟ ଉନ୍ନୟନର ଏକ ରାସ୍ତା ନିରାକାରପୁର ପର୍ଯ୍ୟନ୍ତ ଯାଇଛି। ବାଲିପୋଖରୀଠାରୁ ଦୋଳପଡ଼ିଆ ପର୍ଯ୍ୟନ୍ତ ରାସ୍ତାର କଡ଼େ କଡ଼େ ଏକ ଡ୍ରେନ ରହିଛି। ଫଳରେ ଦୋଳପଡ଼ିଆରେ ଜମାହେଉଥିବା ପାଣି ସହଜରେ ନିଷ୍କାସିତ ହୋଇ ପଡ଼ିଆରେ ହେଉଥିବା ହାଟ ଏବଂ ଅନ୍ୟାନ୍ୟ ପର୍ବପର୍ବାଣି ହେବାରେ କୌଣସି ଅସୁବିଧା ହୋଇନଥାଏ। କିନ୍ତୁ ବିଡ଼ମ୍ବନାର ବିଷୟ ନାଳଟି କ୍ରମାଗତ ଭାବେ ପୋତି ହୋଇଯାଇଛି। ଏ ନେଇ ବିଭାଗକୁ ଅନେକ ଥର ଜଣାଇଲେବି କୌଣସି ସୁଫଳ ମିଳୁନଥିବା ଅଭିଯୋଗ ହୋଇଛି। ମାତ୍ର ବିଭାଗୀୟ ଅଧିକାରୀ ଏଭଳି ଅଭିଯୋଗକୁ କର୍ଣ୍ଣପାତ ନକରିବାରୁ ଶେଷରେ ନାଳ ସଫା କରିବାକୁ ଆଗେଇ ଆସିଲେ ସ୍ୱେଚ୍ଛାସେବୀ। ସର୍ବଶ୍ରୀ ବାସୁଦେବ ମହାରଣା, ଅକ୍ଷୟ ନରେନ୍ଦ୍ର, ବିରାଟ ମହାରଣା, କୁମର ପରିଡ଼ା, ପ୍ରଶାନ୍ତ ସ୍ୱାଇଁ, ତ୍ରିନାଥ ବେହେରା, ସିଲୁ ସାହୁ, ଦିଲୁ ସାମନ୍ତରା, ମାଧିଆ ଦାଶ, ନାରାୟଣ ମାହୁନ୍ତ ଏବଂ ଜଳଧର ବେହେରା ପ୍ରମୁଖ ସ୍ୱେଚ୍ଛାସେବୀମାନେ ନାଳ ସଫାରେ ସହଯୋଗ କରିଥିଲେ।

# ଅଚ୍ୟୁତପୁର ରଘୁନାଥ ପ୍ରିମିୟର କ୍ରିକେଟ୍: ଅନଟେଡ୍ ୱାରିୟର ବିଜୟୀ

**ଖୋର୍ଦ୍ଧା/ନିରାକାରପୁର, ୧୦।୨(ସମିସ):**

ରଘୁନାଥ ପ୍ରିମିୟର ଲିଗ୍ କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଅଚ୍ୟୁତପୁର ମହାବୀର ଖେଳ ପଡ଼ିଆରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଅନଟେଡ୍ ୱାରିୟର୍ସ ଏବଂ ଡାଇନାମେଟିକ ୱାରିୟର୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍ ଜିତି ଅନଟେଡ ୱାରିୟର୍ସ ଦଳ ବ୍ୟାଟିଂ କରିବା ସହ ନିର୍ଦ୍ଧାରିତ ୧୦ ଓଭରରେ ୯ ଉଇକେଟ ହରାଇ ୧୧୬ ରନ ସଂଗ୍ରହ କରିଥିଲା। ଜବାବରେ ଡାଇନାମେଟିକ ଦଳ ୧୦ ଓଭରରେ ୭ ଉଇକେଟ ହରାଇ ୮୮ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ଅନଟେଡ୍ ୱାରିୟର୍ସ ଚାମ୍ପିଅନ ହୋଇଥିଲା। ଫାଇନାଲ ମ୍ୟାଚକୁ କାମଦେବ ପ୍ରଧାନ ଓ ଅଜୟ ଜେନା ପରିଚାଳନା କରିଥିଲେ। ଆଜିର ଖେଳରେ ମୁଖ୍ୟ ଅତିଥିଭାବେ ବିଜୁ ମହିଳା ଜନତା ଦଳ ରାଜ୍ୟ ବରିଷ୍ଠ ଉପସଭାପତି ବାସନ୍ତୀ ମହାପାତ୍ର ଯୋଗଦେଇ ଖେଳ ଦ୍ୱାରା ଭାଇଚାରା ଭାବ ସୃଷ୍ଟି ହେବା ସହ ଶରୀର ସୁସ୍ଥ ରହିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥିଭାବେ ଅମୀୟ ସିଂ ଯୋଗ ଦେଇଥିଲେ। ମହାଦେବ ମହାପାତ୍ର, ମାନସ ପେଣ୍ଡେଇ, ଦେବଜ୍ୟୋତି ନାୟକ, ସଚିନ ଜଗଦେବ ଏବଂ ଅଭିନାଶ ସ୍ୱାଇଁ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଉଭୟ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ଅର୍ଥ ରାଶି ପ୍ରଦାନ କରାଯାଇଥିଲା।



